
ଜୁନ୍ ୨୨ - ୨୮, ୨୦୨୫

ସକାଳ
THE SAKALA
ରବିବାର
ସିନ୍ଦୁରା



- ଶ୍ରୀଜଗନ୍ନାଥ ସଂସ୍କୃତିରେ ମଣ୍ଡପ
- ଶ୍ରୀମନ୍ଦିରର ମଣ୍ଡପ ଐତିହ୍ୟ
- ଶ୍ରୀମନ୍ଦିରରେ ମଣ୍ଡପ ବିଭବ
- ମଣ୍ଡପମାଳିନୀ ଶ୍ରୀମନ୍ଦିର
- ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥ ମଣ୍ଡପ

# ଶ୍ରୀକ୍ଷେତ୍ରେ ମଣ୍ଡପ



ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି । କୌଣସି ଧର୍ମଧାରା ମଧ୍ୟରେ ଏହା ସୀମାବଦ୍ଧ ନୁହେଁ । ବିଭିନ୍ନ ଧର୍ମର ସମନ୍ୱୟରେ ପ୍ରତିଷ୍ଠିତ ଜଗନ୍ନାଥ ସଂସ୍କୃତି । ସବୁ ସଂକୀର୍ଣ୍ଣତା ଊର୍ଦ୍ଧ୍ୱରେ ଏହାର ସଂସ୍କୃତି ଓ ପରମ୍ପରା । ସ୍ୱତନ୍ତ୍ର ଶ୍ରୀମନ୍ଦିରର ରୀତିନୀତି, ପ୍ରଥା ଓ ପରମ୍ପରା । ଅନନ୍ୟ ଏହି ପୀଠର ମାହାତ୍ମ୍ୟ । ଶ୍ରୀମନ୍ଦିରକୁ କେନ୍ଦ୍ର କରି ଗଢ଼ି ଉଠିଛି ଅନେକ ମନ୍ଦିର, ମଠ, ମଣ୍ଡପ । ଶ୍ରୀଜୀଉମାନଙ୍କ ନୀତିକାନ୍ତି ସହିତ ଏହି ସବୁର ନିବିଡ଼ ସଂପର୍କ ରହିଛି । ଶ୍ରୀମନ୍ଦିର ବେଢ଼ା ଭିତରେ ଓ ବାହାରେ ଅନେକ ମଣ୍ଡପ ନିର୍ମାଣ କରାଯାଇଛି । ସେଥିମଧ୍ୟରୁ ଭେଟ ମଣ୍ଡପ, ଚାହାଣି ମଣ୍ଡପ, ସ୍ନାନ ମଣ୍ଡପ, ପ୍ରସାଦ ମଣ୍ଡପ, ବୈକୁଣ୍ଠ ମଣ୍ଡପ, ମାଜଣା ମଣ୍ଡପ, ଜଳକ୍ରୀଡ଼ା ମଣ୍ଡପ, ନାଭିକଟା ମଣ୍ଡପ, ମୁକ୍ତି ମଣ୍ଡପ, ନାଟ ମଣ୍ଡପ, ଦୋଳ ମଣ୍ଡପ ପ୍ରଭୃତି ଅନ୍ୟତମ । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଆଡ଼ପ ମଣ୍ଡପ, ବଳି ମଣ୍ଡପ, ରାସ ମଣ୍ଡପ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ମଣ୍ଡପ ରହିଛି । ଏହି ସବୁ ମଣ୍ଡପ ସହ ଶ୍ରୀଜୀଉମାନଙ୍କ ବିଭିନ୍ନ ନୀତିକାନ୍ତିର ଗଭୀର ସଂପର୍କ ରହିଛି । ବିଭିନ୍ନ ସମୟରେ ନିର୍ମିତ ଏହି ସବୁ ମଣ୍ଡପଗୁଡ଼ିକର ମହାପ୍ରଭୁଙ୍କ ଯାନିଯାତ୍ରା, ବିଶେଷ ରୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତିଟି ମଣ୍ଡପର ବିଶେଷତ୍ୱ ସ୍ୱତନ୍ତ୍ର । ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥିତ କେତୋଟି ମଣ୍ଡପର ମାହାତ୍ମ୍ୟକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ଶ୍ରୀକ୍ଷେତ୍ରେ ମଣ୍ଡପ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ ସ୍ୱାସ୍ଥ୍ୟ ଭଲ ରହିବ । ବେପାରରେ ମନମୁତାବକ ଫଳ ପାଇବେ । ବୁଧ, ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିରେ ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ପରିବାରରେ ଏକତା ବଢ଼ିବ । ବୁଧ, ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟର ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରା ଯୋଗ ରହିଛି ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

**ବିଛା**
ରବି, ସୋମ, ମଙ୍ଗଳବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚ ଆଶା ପୂରଣ ହେବେ ।

**ମକର**
ରବି, ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭାନ୍ୱିତ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ସନ୍ତାନମାନେ କ୍ୟାରିୟରରେ ଉନ୍ନତି କରିବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ି ଯାଇପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି । ବ୍ୟବସାୟରେ କ୍ଷତି ସହିପାରନ୍ତି ।





ଶ୍ରୀମନ୍ଦିରରେ ସଂଖ୍ୟାଧିକ ମଣ୍ଡପ ବା ବେଦୀ ଦେଖିବାକୁ ମିଳେ । ଯାହା ଅନ୍ୟ କେଉଁଠି ଦେଖାଯାଏ ନାହିଁ । ଶ୍ରୀମନ୍ଦିରରେ ଥିବା ମଣ୍ଡପଗୁଡ଼ିକର ମାହାତ୍ମ୍ୟ ସ୍ୱତନ୍ତ୍ର । ଶ୍ରୀଜଗନ୍ନାଥ ମନ୍ଦିରରେ ମଣ୍ଡପ, ପିଣ୍ଡି ଓ ବେଦୀ ଏହି ତିନୋଟିକୁ ଗୋଟିଏ ଅର୍ଥରେ ପ୍ରୟୋଗ କରାଯାଇଅଛି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ବା ମହାବେଦୀକୁ 'ନୀଳାଦ୍ରି ମଣ୍ଡପ' କୁହାଯାଏ । ମହାପ୍ରଭୁ ଭକ୍ତଙ୍କ ଦର୍ଶନ ପାଇଁ ଯେଉଁ ମଣ୍ଡପରେ ବିଜେ ହୋଇଥାଆନ୍ତି, ତାହାକୁ 'ଆଡ଼ପ ମଣ୍ଡପ' ଓ 'ସ୍ନାନ ମଣ୍ଡପ' କୁହାଯାଏ । ପାରମ୍ପରିକ ବିଧିବିଧାନ ଅନୁସାରେ ମହାପ୍ରଭୁ ଏ ମଣ୍ଡପରେ ବିଜେ ହୋଇଥାଆନ୍ତି । ଏହି ଦୁଇ ମଣ୍ଡପକୁ ବାଦ୍ ଦେଲେ ଶ୍ରୀମନ୍ଦିର ଭିତର ବେଢ଼ାରେ ଓ ବାହାରେ ସଂଖ୍ୟାଧିକ ମଣ୍ଡପ ବା ବେଦୀ ଦେଖିବାକୁ ମିଳେ । ସେଥିମଧ୍ୟରୁ ଭେଟ ମଣ୍ଡପ, ଚାହାଣୀ ମଣ୍ଡପ, ପ୍ରସାଦ ମଣ୍ଡପ, ବୈକୁଣ୍ଠ ମଣ୍ଡପ, ଲକ୍ଷ୍ମୀ ମଣ୍ଡପ, ବକୁଳ ମଣ୍ଡପ, ମାଜଣା ମଣ୍ଡପ, ମୁକ୍ତି ମଣ୍ଡପ, ଭୋଗ ମଣ୍ଡପ, ଜଳକ୍ରୀଡ଼ା ମଣ୍ଡପ, ନାଭିକଟା ମଣ୍ଡପ ଆଦି ଅନ୍ୟତମ । ଶ୍ରୀମନ୍ଦିର କେତୋଟି ମଣ୍ଡପକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

# ଶ୍ରୀଜଗନ୍ନାଥ ସଂସ୍କୃତିରେ ମଣ୍ଡପ



ପଣ୍ଡିତ ଦୈତ୍ୟାରି ମହାପାତ୍ର

## ଭେଟ ମଣ୍ଡପ

ଶ୍ରୀମନ୍ଦିରରର ସିଂହ ଦ୍ୱାରର ଦକ୍ଷିଣ ଦ୍ୱାରରେ 'ଭେଟ ମଣ୍ଡପ' ରହିଛି । ଶ୍ରୀଗୁଣ୍ଡିଚା ପରେ ନବଦିନର ବିରହ ଯନ୍ତ୍ରଣାକୁ ଦୂର କରିବା ପାଇଁ ମା' ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କୁ ଏହି ମଣ୍ଡପରେ ବନ୍ଦାପନା କରିଥାଆନ୍ତି । ଏହି ମଣ୍ଡପର ମାହାତ୍ମ୍ୟ ସ୍ୱତନ୍ତ୍ର । ଏକାନ୍ତ ଭକ୍ତିର ସହିତ ଏହି ମଣ୍ଡପକୁ ସ୍ପର୍ଶ କରି ମା' ଲକ୍ଷ୍ମୀଠାକୁରାଣୀଙ୍କ ସହିତ ଶ୍ରୀ ଜଗନ୍ନାଥଙ୍କ ନାମ ସ୍ମରଣ କଲେ ସକଳ ବିପଦ ଆପଦ ଖଣ୍ଡନ ହେବା ସହିତ ଅଭିଷ୍ଟ ପୂରଣ ହୋଇଥାଏ ।

## ଚାହାଣି ମଣ୍ଡପ

ସିଂହଦ୍ୱାରର ଉତ୍ତର ଦିଗରେ ରହିଛି 'ଚାହାଣି ମଣ୍ଡପ' । ଏହି ମଣ୍ଡପରେ ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥାଏ । ରଥଯାତ୍ରା ପୂର୍ବରୁ ଶ୍ରୀନଅର ନିକଟକୁ ରଥ ନେବା ସମୟରେ ମା' ଲକ୍ଷ୍ମୀ ଠାକୁରାଣୀ ଏହି ମଣ୍ଡପ ଉପରେ ବସି ନନ୍ଦିଘୋଷ ରଥକୁ ଚାହିଁ ରହିଥାଆନ୍ତି । ତେଣୁ ଏହି ମଣ୍ଡପର ନାମକରଣ କରାଯାଇଛି 'ଚାହାଣି ମଣ୍ଡପ' । ମା' ଲକ୍ଷ୍ମୀଠାକୁରାଣୀ ଏହି ମଣ୍ଡପରେ ପ୍ରତ୍ୟକ୍ଷମାନ ବିରାଜିତା ହୋଇଥିବାରୁ ଏହି ମଣ୍ଡପର ମାହାତ୍ମ୍ୟ ସ୍ୱତନ୍ତ୍ର । ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଏହି ମଣ୍ଡପକୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ମଣ୍ଡପକୁ ସ୍ପର୍ଶ କରି ତା'ର ରେଣୁକୁ ମୁଣ୍ଡରେ ମାରିଲେ ଭକ୍ତ ମୁକ୍ତିମୋକ୍ଷ ପ୍ରାପ୍ତି ହୋଇଥାଏ ।

## ସ୍ନାନ ମଣ୍ଡପ

ଚାହାଣୀ ମଣ୍ଡପର ଉତ୍ତର ଦିଗକୁ ଆନନ୍ଦ ବଜାର ନିକଟରେ ରହିଛି 'ସ୍ନାନ ମଣ୍ଡପ' । ଏହି ମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରାୟ ୭୫ ଫୁଟ । ଜ୍ୟେଷ୍ଠମାସ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ଏହି ମଣ୍ଡପରେ ସ୍ନାନ କରିଥାଆନ୍ତି । ସୁନା କୂଅରୁ ପାଣି ଅଣାଯାଇ ୧୦୮ ଗରା ପାଣିରେ ପାରମ୍ପରିକ ବିଧି ଅନୁସାରେ ମହାପ୍ରଭୁଙ୍କୁ ଏହି ମଣ୍ଡପରେ ସ୍ନାନ କରାଯାଏ । ମହାପ୍ରଭୁ ସ୍ନାନ ହେବା ପରେ ପ୍ରଭୁ ହାତୀ ବେଶ ହୋଇଥାଆନ୍ତି । ଚାରି ଠାକୁର ସ୍ୱୟଂ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନ ଏହି ମଣ୍ଡପରେ ସ୍ନାନ କରୁଥିବାରୁ ଏହି ମଣ୍ଡପର ମାହାତ୍ମ୍ୟ ଅନନ୍ୟ । କୁହାଯାଏ ମହାପ୍ରଭୁ ଏହି ମଣ୍ଡପରେ ସ୍ନାନ କରୁଥିବା ସମୟରେ ମଣ୍ଡପକୁ ଘେରି ରହିଥାଆନ୍ତି ତେତିଶ କୋଟି ଦେବତା । ଆନନ୍ଦ ବଜାରକୁ ଯାଇ ଆନନ୍ଦର ସହିତ ଭକ୍ତି ନିଷ୍ଠା ପୂର୍ବକ ଏହି ମଣ୍ଡପକୁ ସ୍ପର୍ଶ କରି ପ୍ରଣାମ କଲେ ମନରୁ ସବୁପ୍ରକାର ଦୁଃଖ ଦୂରୀଭୂତ ହୋଇଥାଏ ।

## ପ୍ରସାଦ ମଣ୍ଡପ

ଶ୍ରୀମନ୍ଦିରର ଆନନ୍ଦ ବଜାର ମଧ୍ୟରେ ଯେଉଁ ମଣ୍ଡପ ରହିଛି ତାହାକୁ 'ପ୍ରସାଦ ମଣ୍ଡପ' ବୋଲି କୁହାଯାଏ । ଏହି ମଣ୍ଡପରେ ମହାପ୍ରଭୁଙ୍କ ମହାପ୍ରସାଦ ବିକ୍ରୟ କରାଯାଏ । ପ୍ରସାଦ ସେବନ ପାଇଁ ଏଠାରେ ଦୁଇଟି ମଣ୍ଡପ ପରିଲକ୍ଷିତ ହୁଏ । ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରକୁ ଯାଇ ଏହି ମଣ୍ଡପରେ ବସି ମହାପ୍ରସାଦ ସେବନ କଲେ ଆତ୍ମ ତୃପ୍ତି ମିଳିବା ସହିତ ମନରୁ ବିଷାଦ ଭାବ ଦୂରୀଭୂତ ହୋଇଥାଏ । ଏହି ମଣ୍ଡପରେ ବସି ଭୋଜନ କଲେ ଶରୀର ନିରୋଗ ରୁହେ ।

## ବୈକୁଣ୍ଠ ମଣ୍ଡପ

ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟସ୍ଥ କୋଇଲି ବୈକୁଣ୍ଠ ମଧ୍ୟରେ ଥିବା ମଣ୍ଡପକୁ 'ବୈକୁଣ୍ଠ ମଣ୍ଡପ' କୁହାଯାଏ । ନିଶାର୍ଦ୍ଧରେ ତେତିଶ କୋଟି ଦେବତାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ମଣ୍ଡପକୁ ଆସନ୍ତି ବୋଲି ବିଶ୍ୱାସ କରାଯାଏ । ଶ୍ରୀମନ୍ଦିରର ବେଢ଼ା ପରିକ୍ରମା ସାରି ଏହି ମଣ୍ଡପରେ ବସି ଜଗନ୍ନାଥଙ୍କ ନାମ ସ୍ମରଣ କଲେ ଦେହାନ୍ତେ ଭକ୍ତ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ।

## ଲକ୍ଷ୍ମୀ ମଣ୍ଡପ

ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସମ୍ମୁଖରେ ଥିବା ମଣ୍ଡପକୁ 'ଲକ୍ଷ୍ମୀ ମଣ୍ଡପ' ବା 'ବିଶ୍ରାମ ମଣ୍ଡପ' ବୋଲି କୁହାଯାଏ । ଭକ୍ତ ବେଢ଼ା ପରିକ୍ରମା ତଥା ମହାପ୍ରଭୁଙ୍କୁ ଦର୍ଶନ ସାରି ମା' ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରି ସମ୍ମୁଖରେ ଥିବା ମଣ୍ଡପରେ କିଛି ସମୟ ବିଶ୍ରାମ ନେଇଥାଏ । କୁହାଯାଏ ଏହି ମଣ୍ଡପରେ ଦେବତାମାନେ ସର୍ବଦା ବାସ କରିଥାଆନ୍ତି । ତେଣୁ ଏହି ମଣ୍ଡପରେ କିଛି ସମୟ ବିଶ୍ରାମ ନେଲେ ମାନସିକ ଶାନ୍ତି ମିଳିବା ସହିତ ଭକ୍ତର ମନସ୍କାମନା ପୂରଣ ହୋଇଥାଏ । ଧନଧାନ୍ୟ ଗୋପଲକ୍ଷ୍ମୀରେ ଭଣ୍ଡାର ପରିପୂର୍ଣ୍ଣ ହୁଏ । ଏପରିକି ପରିବାରରେ ସର୍ବବିଧ ମଙ୍ଗଳ ହୋଇଥାଏ ।

## ବକୁଳ ମଣ୍ଡପ

ପଶ୍ଚିମଦ୍ୱାର ପାର୍ଶ୍ୱସ୍ଥ ନୀଳାଦ୍ରି ବିହାର ମନ୍ଦିରର ଧବଳେଶ୍ୱର ମନ୍ଦିରର ପଛପଟେ 'ବକୁଳ ମଣ୍ଡପ' ରହିଛି । ଏହି ମଣ୍ଡପକୁ 'ବକୁଳ ଚୌତରା' ବୋଲି କୁହାଯାଏ । ମହାପ୍ରଭୁଙ୍କୁ ଦର୍ଶନ ସାରି ଏହି ମଣ୍ଡପରେ ବସି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧ୍ୟାନ କଲେ ଯମ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

## ନିର୍ମାଲ୍ୟ ମଣ୍ଡପ


ଶ୍ରୀମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣକୁ ଥିବା ନୀଳାଚଳ ଉପବନ ମଧ୍ୟରେ 'ନିର୍ମାଲ୍ୟ ଖଳା' ଅବସ୍ଥିତ । ଏହା ଏକ ବିରାଟ ଖଳା । ଏହାକୁ ମଧ୍ୟ ଏକ ମଣ୍ଡପ ବୋଲି କୁହାଯାଏ । ଏହି ଖଳାରେ ମହାପ୍ରଭୁଙ୍କ ଅନ୍ନ ପ୍ରସାଦ ସୁଖାଯାଇ ନିର୍ମାଲ୍ୟ କରାଯାଉଥିବାରୁ ଏହାକୁ 'ନିର୍ମାଲ୍ୟ ଖଳା' ବା 'ନିର୍ମାଲ୍ୟ ମଣ୍ଡପ' ବୋଲି କୁହାଯାଏ । ଏହି ମଣ୍ଡପ ଉପରେ ରହିଛି ପଞ୍ଚମୁଖୀ ହନୁମାନ ମନ୍ଦିର । ଏକାନ୍ତ ଭକ୍ତିର ସହିତ ଏହି ଖଳାକୁ ସ୍ପର୍ଶ ପୂର୍ବକ ପ୍ରଣାମ କରି ପଞ୍ଚମୁଖୀ ହନୁମାନଙ୍କୁ ଦର୍ଶନ କରି ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ଶତ୍ରୁ ନିପାତ ହୁଏ ଏବଂ ବିପଦ ଖଣ୍ଡନ ହୁଏ ।

## ମାଜଣା ମଣ୍ଡପ


ମୁକ୍ତି ମଣ୍ଡପ ସମ୍ମୁଖରେ ଯେଉଁ ମଣ୍ଡପ ରହିଛି ତାକୁ 'ମାଜଣା ମଣ୍ଡପ' ବୋଲି କୁହାଯାଏ । ଏହାକୁ ମଧ୍ୟ 'ବିବାହ ମଣ୍ଡପ' ନାମରେ ନାମିତ କରାଯାଇଅଛି । ପ୍ରତି ଗୁରୁବାର ଦିନ ସକାଳ ଧୂପ ପରେ ଏଠାରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କର ମାଜଣା ନୀତି ଅନୁଷ୍ଠିତ ହୁଏ । ଏହି ମଣ୍ଡପରେ ମା' ଲକ୍ଷ୍ମୀ

## ମୁକ୍ତି ମଣ୍ଡପ

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପଟକୁ ରହିଛି 'ମୁକ୍ତି ମଣ୍ଡପ' । ସକଳ ବିପଦ ଆପଦରୁ ମୁକ୍ତ କରୁଥିବାରୁ ଏହି ମଣ୍ଡପର ନାମ ମୁକ୍ତି ମଣ୍ଡପ । ବହୁ ପ୍ରାଚୀନ କାଳରେ ଏହିଠାରେ ଭକ୍ତମାନେ ମୁକ୍ତିମୋକ୍ଷ ପ୍ରାପ୍ତି ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି । ଏହି ମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ୩୮ ଫୁଟ । ଏହି ମଣ୍ଡପରେ ୧୬ ଶାସନର ୧୬ ବ୍ରାହ୍ମଣ ବସି ବେଦ ପାଠ କରନ୍ତି ଏବଂ ଜଗତର ସମସ୍ତ ପ୍ରକାରର ନ୍ୟାୟମୀମାଂସା କରନ୍ତି । ଏହି ମଣ୍ଡପରେ ଶଙ୍କରାଚାର୍ଯ୍ୟଙ୍କ ବସିବାର ଅଧିକାର ରହିଛି । ଏଠାରେ ମହାପ୍ରଭୁଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ ।



ଏହି ମଣ୍ଡପକୁ କେହି କେହି 'ମୁକ୍ତ ମଣ୍ଡପ' ବା 'ବ୍ରହ୍ମାସନ' ବୋଲି କହିଥାଆନ୍ତି । ଏକାନ୍ତ ଭକ୍ତିର ସହିତ ଏହି ମଣ୍ଡପକୁ ପ୍ରଣାମ କରି ଉପସ୍ଥିତ ବ୍ରାହ୍ମଣଙ୍କଠାରୁ ଆଶୀର୍ବାଦ ନେଲେ, ସକଳ କାର୍ଯ୍ୟ ସଫଳ ହେବା ସହିତ ଭକ୍ତ ମୁକ୍ତିମୋକ୍ଷ ପ୍ରାପ୍ତି ହୋଇଥାଏ ।



## ଭୋଗ ମଣ୍ଡପ

ଶ୍ରୀମନ୍ଦିର ଭିତର ବେଢ଼ାରେ ଏକ ମନ୍ଦିର ଆକାରରେ ରହିଛି 'ଭୋଗ ମଣ୍ଡପ' । ଏହାର ବାହାର କାନ୍ଥରେ ବିଭିନ୍ନ ପ୍ରକାରର କାରୁକାର୍ଯ୍ୟମାନ କରାଯାଇଛି । ଏହି ମଣ୍ଡପକୁ ମଧ୍ୟ 'ଭାଗ ମଣ୍ଡପ' ବୋଲି କୁହାଯାଏ । ଶଙ୍କରାଚାର୍ଯ୍ୟଙ୍କ ନିର୍ମିତ ଏହି ମଣ୍ଡପରେ ସର୍ବସାଧାରଣଙ୍କ ଭୋଗ କରାଯାଇଥାଏ । ଏହି ମଣ୍ଡପରେ ମହାପ୍ରଭୁଙ୍କୁ ଏକାନ୍ତ ନିଷ୍ଠାର ସହିତ ପୂଜାର୍ଚ୍ଚନା କଲେ ଭକ୍ତର ଅଭିଷ୍ଟ ପୂରଣ ହୋଇଥାଏ ।

ଠାକୁରାଣୀ ଏବଂ ମଦନ ମୋହନଙ୍କ ବିବାହ କାର୍ଯ୍ୟ ବିଧିବିଧାନ ଅନୁସାରେ ଅନୁଷ୍ଠିତ ହୋଇଥାଏ । ନୂଆ କରି ବିବାହ ହୋଇଥିବା ଦମ୍ପତ୍ତି ଏହି ମଣ୍ଡପ ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ଲକ୍ଷ୍ମୀଠାକୁରାଣୀଙ୍କୁ ପ୍ରଣାମ କଲେ ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହୁଏ । ଏପରିକି ଭବିଷ୍ୟତ ଜୀବନ ମଧୁମୟ ଏବଂ ଆନନ୍ଦମୟ ହୋଇଥାଏ ।

## ଜଳକ୍ରୀଡ଼ା ମଣ୍ଡପ

ମୁକ୍ତି ମଣ୍ଡପ ନିକଟରେ ରହିଛି ନୃସିଂହନାଥ ମନ୍ଦିର । ତାହା ପଛରେ ରହିଛି ରୋହିଣୀ କୁଣ୍ଡ । ସେହି କୁଣ୍ଡ ନିକଟରେ ଥିବା ମଣ୍ଡପକୁ 'ଜଳକ୍ରୀଡ଼ା ମଣ୍ଡପ' କୁହାଯାଏ । ସ୍ୱତନ୍ତ୍ର ତିଥିରେ ଏହି ଜଳକ୍ରୀଡ଼ା ପର୍ବ ଅନୁଷ୍ଠିତ ହୋଇଥାଏ । ଯାହାକୁ ମହାପ୍ରଭୁଙ୍କର 'ଭିତର ଚନ୍ଦନ' ବୋଲି କୁହାଯାଏ । ଏହି ମଣ୍ଡପକୁ ଦର୍ଶନ କରି ପ୍ରଣାମ ପୂର୍ବକ ରୋହିଣୀ କୁଣ୍ଡର ଜଳ ଦେହରେ ସିଞ୍ଚନ କଲେ ମହାମାରୀ ଆଦି ରୋଗରୁ ମୁକ୍ତି ମିଳିବା ସହିତ ଶରୀର ସୁସ୍ଥ ସବଳ ଏବଂ ନିରୋଗ ରହିଥାଏ ।

## ନାଭିକଟା ମଣ୍ଡପ

ଗରଦ ଘରର ପଶ୍ଚିମ ଦିଗରେ ଯେଉଁ ମଣ୍ଡପ ରହିଛି ତାହାକୁ 'ନାଭିକଟା ମଣ୍ଡପ' ବୋଲି କୁହାଯାଏ । ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଏହି ମଣ୍ଡପରେ ମହାପ୍ରଭୁଙ୍କର ଜନ୍ମ ନୀତି ଅନୁଷ୍ଠିତ ହୁଏ । ପ୍ରଭୁଙ୍କୁ ଦର୍ଶନ ସାରି ବେଢ଼ା ପରିକ୍ରମା କରି ଏହି ମଣ୍ଡପ ନିକଟରେ ବସିଲେ ସକଳ ସୁଖ ଶାନ୍ତି ଫେରିଆସିଥାଏ ।

## ଦେବସଭା ମଣ୍ଡପ

ନାଭିକଟା ମଣ୍ଡପର ପଶ୍ଚିମ ପାଖକୁ ଯେଉଁ ପାଦୁକ କୁଣ୍ଡ ରହିଛି ତାହା ନିକଟରେ ଥିବା ମଣ୍ଡପକୁ 'ଦେବସଭା ମଣ୍ଡପ' ବୋଲି କୁହାଯାଏ । ବହୁ ପ୍ରାଚୀନ କାଳରେ ଏହି ମଣ୍ଡପ ଉପରେ ଦେବତାମାନେ ସଭା କରୁଥିଲେ । କୁହାଯାଏ ଏକାନ୍ତ ଭକ୍ତିର ସହିତ ଏହି ମଣ୍ଡପ ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଯାହା ମାଗିଲେ ଦେବତାମାନେ ଅବିଳମ୍ବେ ଭକ୍ତର ଅଭିଷ୍ଟ ପୂରଣ କରିଥାଆନ୍ତି । ଏହି ମଣ୍ଡପ ସ୍ପର୍ଶ ମାତ୍ରକେ ସମସ୍ତ ପାପତାପରୁ ମୁକ୍ତି ମିଳିଥାଏ ।

## ଅଚିନ୍ତା ମଣ୍ଡପ

ଜଗମୋହନର ପ୍ରସାଦ ବୁହାଯାଉଥିବା ବେଲୁରିବାଡ଼ ପାଖ ରାସ୍ତାକୁ ଲାଗି ଥିବା ମଣ୍ଡପକୁ 'ଅଚିନ୍ତା ମଣ୍ଡପ' ବୋଲି କୁହାଯାଏ । ଏହାର ଅନ୍ୟନାମ ହେଉଛି 'ଆସ୍ଥା ମଣ୍ଡପ' । ଏଠାରେ ପ୍ରତିଦିନ ସ୍ତୁତି ପାଠ ଓ ଭଜନ କୀର୍ତ୍ତନ କରାଯାଏ । ଏହି ମଣ୍ଡପ ଉପରେ ବସି ଭଜନ କୀର୍ତ୍ତନ କଲେ ଏବଂ ଭଗବାନଙ୍କର ସ୍ତୁତି ପାଠ କଲେ ସବୁ ପ୍ରକାରର ଚିନ୍ତା ଦୂରୀଭୂତ ହୁଏ ବୋଲି ବିଶ୍ୱାସ କରାଯାଏ ।

## ନାଟପା ମଣ୍ଡପ


ଶ୍ରୀମନ୍ଦିରର ନାଟ ମନ୍ଦିର ମଧ୍ୟସ୍ଥ ସ୍ଥଳରେ ଯେଉଁ ମଣ୍ଡପ ରହିଛି ତାହାକୁ 'ନାଟପା ମଣ୍ଡପ' କୁହାଯାଏ । ବିଭିନ୍ନ ତିଥିରେ ବିଭିନ୍ନ ସାହିର ଲୋକମାନେ ଏହି ମଣ୍ଡପ ଉପରେ ଭିନ୍ନ ଭିନ୍ନ ଲୀଳା ବା ନାଟମାନ ପରିବେଷଣ କରିଥାଆନ୍ତି । ଏହି ମଣ୍ଡପରେ ବସି ମହାପ୍ରଭୁଙ୍କୁ ସ୍ମରଣ କଲେ ସବୁ ପ୍ରକାରର ଆନନ୍ଦ ମିଳିଥାଏ ।

## ଦୋଳ ମଣ୍ଡପ

ମନ୍ଦିର ବାହାରର ଉତ୍ତର-ପୂର୍ବ କୋଣରେ ଥିବା ବେଦୀକୁ 'ଦୋଳ ବେଦୀ' କୁହାଯାଏ । ଏହାର ଅନ୍ୟନାମ 'ଦୋଳ ମଣ୍ଡପ' । ଫାଲଗୁନ ମାସରେ ଏହି ବେଦୀରେ ମହାପ୍ରଭୁଙ୍କର ବିଭିନ୍ନ କାର୍ଯ୍ୟ କରାଯାଇଥାଏ । ଏକାନ୍ତ ଭକ୍ତିର ସହିତ ଏହି ଦୋଳବେଦୀକୁ ପ୍ରଣାମ କଲେ ସକଳ ସୁଖଶାନ୍ତି ମିଳିଥାଏ ।

## ବଲ୍ଲଭ ପିଣ୍ଡି

ଶ୍ରୀମନ୍ଦିରର କଳାହାଟ ଦ୍ୱାର ପାଖକୁ ଲାଗି ଯେଉଁ ପିଣ୍ଡି ରହିଛି ତାହାକୁ 'ବଲ୍ଲଭ ପିଣ୍ଡି' ବା 'ଅଣସର ପିଣ୍ଡି' କୁହାଯାଏ । ଏହି ମଣ୍ଡପ ଉପରେ ପ୍ରତିଦିନ ଠାକୁରଙ୍କର ଗୋପାଳ ବଲ୍ଲଭ ଭୋଗ ଲାଗି କରାଯାଏ । ଏହି ମଣ୍ଡପକୁ ପ୍ରଣାମ କରି ଭକ୍ତଟିଏ ଯେଉଁ ଚିନ୍ତା କରିଥାଏ, ଯେଉଁ ଭାବନା କରିଥାଏ ତାର ସେହି ଭାବନା ପରିପୂର୍ଣ୍ଣ ହୋଇଥାଏ ।



## ରତ୍ନ ବେଦୀ

ଜଗତରନାଥ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମାଆ ସୁଭଦ୍ରା, ସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ ଓ ନୀଳମାଧବ ଆଦି ସପ୍ତ ବିଗ୍ରହ ପ୍ରତ୍ୟକ୍ଷ ବିରାଜମାନ କରିଥିବା ବେଦୀକୁ ରତ୍ନବେଦୀ କୁହାଯାଏ । ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁ ଏଠାରେ ବିରାଜମାନ କରନ୍ତି ନାହିଁ । ମାତ୍ର ଅନ୍ୟ ସମସ୍ତ ଦିବସରେ ମହାପ୍ରଭୁ ପ୍ରତ୍ୟକ୍ଷ ବିରାଜମାନ କରିଥାଆନ୍ତି । ଏହି ବେଦୀରେ ମହାପ୍ରଭୁଙ୍କର ସମସ୍ତ ପ୍ରକାରର ବେଶ କରାଯାଇଥାଏ । ଏଇ ବେଦୀକୁ ସ୍ପର୍ଶ କରି ଏକାନ୍ତ ଭକ୍ତିର ସହିତ ମହାପ୍ରଭୁଙ୍କୁ ପ୍ରଣାମ କରି ଭକ୍ତଟିଏ ଯାହା ମାଗେ ମହାପ୍ରଭୁ ତତ୍କ୍ଷଣାତ୍ ତା'ର ଅଭିଷ୍ଟ ପୂରଣ କରିଥାଆନ୍ତି ।

## ଅନ୍ତର୍ବେଦୀ

ଶ୍ରୀମନ୍ଦିରର କଳ୍ପବଟଠାରୁ ସମୁଦ୍ର କୂଳ ପର୍ଯ୍ୟନ୍ତ ସ୍ଥଳକୁ 'ଅନ୍ତର୍ବେଦୀ' କୁହାଯାଏ । ବହୁ ପ୍ରାଚୀନ କାଳରୁ ଏହି ବେଦୀର ସ୍ୱତନ୍ତ୍ରତା ଅନନ୍ୟ । ଏହି ସ୍ଥାନରେ ମୃତ୍ୟୁବରଣ କଲେ ଭକ୍ତ ମୁକ୍ତିମୋକ୍ଷ ପ୍ରାପ୍ତି ହୋଇଥାଏ । ଏହାର ପ୍ରତ୍ୟେକ ରେଣୁ ପବିତ୍ର । ତେତିଶ କୋଟି ଦେବତା ଏହିଠାରେ ଅହରହ ବାସ କରନ୍ତି ।

ଶ୍ରୀମନ୍ଦିରରେ ଏହିପରି ଭାବେ ସଂଖ୍ୟାଧିକ ମଣ୍ଡପ ରହିଅଛି । ପ୍ରତ୍ୟେକ ମଣ୍ଡପର ସ୍ୱତନ୍ତ୍ରତା ଅନନ୍ୟ । ପାରମ୍ପରିକ ବିଧିବିଧାନ ଅନୁସାରେ ମହାପ୍ରଭୁଙ୍କର ରୀତିନୀତି ଏହି ମଣ୍ଡପଗୁଡ଼ିକରେ ପାଳିତ ହୋଇଥାଏ ।

ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୭୦୨

# ଶ୍ରୀମନ୍ଦିରର ମଣ୍ଡପ ଐତିହ୍ୟ





ଡକ୍ଟର ଭାସ୍କର ମିଶ୍ର

ବହୁ ପ୍ରାଚୀନ ସମୟରୁ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ା, ବାହାର ବେଢ଼ା ଓ ଅନ୍ୟାନ୍ୟ ସ୍ଥାନରେ ଅନେକ ମଣ୍ଡପ ରହିଛି, ଯେଉଁ ସ୍ଥାନରେ କି ସ୍ୱୟଂ ଅଖିଳ ବ୍ରହ୍ମାଣ୍ଡନାଥ ପରମ କାରୁଣିକ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ତାଙ୍କର ପ୍ରତିନିଧି ବିଜୟ ବା ଉତ୍ସବ ପ୍ରତିମାମାନେ ମଣ୍ଡପଗୁଡ଼ିକରେ ବିରାଜିତ ହୋଇ ମନୋଜ୍ଞ ଲୀଳାମାନ ସଂରଚନା କରି ଭକ୍ତଗଣଙ୍କୁ ଅନନ୍ତ ସୁଖ ପ୍ରଦାନ କରିବା ପୂର୍ବକ ଦିବ୍ୟ ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ କରିଥାନ୍ତି। ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଉତ୍ସବମାନଙ୍କରେ ମହାପ୍ରଭୁଙ୍କର କେତେକ ବିଶେଷ ନୀତିମାନ ସଂପାଦିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରାରେ ମଣ୍ଡପଗୁଡ଼ିକର ଐତିହ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ମଣ୍ଡପ ମଣ୍ଡ ଧାତୁ ମଣ୍ଡନ, ଅଳଙ୍କରଣ ଭୂଷଣ କରିବା ଅର୍ଥରେ ପ୍ରୟୋଗ କରାଯାଏ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ଉଲ୍ଲେଖ ପ୍ରକାରେ ମଣ୍ଡପର ଅର୍ଥଗୁଡ଼ିକ ହେଲା- ୧- ମନ୍ଦିର ଦେବାଳୟ, ୨- ବିଶ୍ରାମ ଗୃହ, ୩- ଉପରେ ଛାତ ଥିବା କିନ୍ତୁ ଚାରିପାଖ ଉନ୍ମୁକ୍ତ ଥିବା ଆଶ୍ରୟସ୍ଥଳ, ୪ – ମଞ୍ଚ ବେଦି, ୫- ଅଳ୍ପକାଳ ମନ୍ଦିର ନିର୍ମିତ ବା ବାସସ୍ଥାନ ୬- ଦେବୋଦ୍ଦେଶ୍ୟରେ ନିର୍ମିତ ଗୃହ, ୭- ଛାୟାଯୁକ୍ତ ଅସ୍ଥାୟୀ ମଣ୍ଡପ ଇତ୍ୟାଦି।

## ସ୍ନାନ ମଣ୍ଡପ

ଶ୍ରୀମନ୍ଦିର ବାହାର ବେଢ଼ାସ୍ଥିତ ସ୍ନାନ ମଣ୍ଡପର ଐତିହ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ। ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ୱୟଂ ବିଗ୍ରହମାନେ ପହଣ୍ଡି ବିଜେ ପୂର୍ବକ ଏହି ମଣ୍ଡପ ଉପରେ ଅଧିଷ୍ଠିତ ହୋଇଥାନ୍ତି। ସ୍ୱୟଂ ଦାରୁ ବିଗ୍ରହ ରୂପୀ ଚତୁର୍ଦ୍ଧାବିଗ୍ରହ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଏହି ମଣ୍ଡପ ଉପରେ ବିରାଜମାନ କରି ପ୍ରତ୍ୟକ୍ଷ ଭାବେ ସ୍ନାନ କରୁଥିବାରୁ ଜନମାନସରେ ଏହା 'ସ୍ନାନ ମଣ୍ଡପ' ବା 'ସ୍ନାନ ବେଦୀ' ଭାବେ ସୁପରିଚିତ।

ଐତିହାସିକ ବିବରଣୀ ଅନୁଯାୟୀ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ପୂର୍ବରୁ ଶ୍ରୀମନ୍ଦିରର ଭିତର ବେଢ଼ାସ୍ଥ ପ୍ରତିହାରୀ ନିଯୋଗ କାର୍ଯ୍ୟାଳୟ ଓ ବିମାନ ସରଘର ସ୍ଥାନଟିରେ ସ୍ନାନ ମଣ୍ଡପରେ ( କାଷ୍ଠ, ବାଉଁଶ, ଚାଞ୍ଚରେ ନିର୍ମିତ ମଞ୍ଚା) ସ୍ନାନ ଉତ୍ସବ ଅନୁଷ୍ଠିତ ହେଉଥିଲା। ପରବର୍ତ୍ତୀ ସମୟରେ ବର୍ତ୍ତମାନର ଆନନ୍ଦ ବଜାର ନାମରେ କଥିତ ସ୍ଥାନରେ ପ୍ରସ୍ତର ନିର୍ମିତ ସ୍ନାନ ମଣ୍ଡପ ନିର୍ମିତ ହୋଇଥିଲା। ସ୍ନାନ ମଣ୍ଡପ ନିର୍ମାଣର ବହୁ ବର୍ଷ ପରେ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଏହି ମଣ୍ଡପର ପାହାଚ ଭୋଇ ବଂଶର ରାଜା ବୀର କେଶରୀ ଦେବଙ୍କ ରାଜତ୍ୱ ସମୟରେ ନିର୍ମାଣ ହୋଇଥିବା ସୂଚନା ମିଳେ। 'ପ୍ରାଚୀନ ଉତ୍କଳ' ଗ୍ରନ୍ଥର ଉଲ୍ଲେଖ ପ୍ରକାରେ "ବୀର କେଶରୀ ଦେବ ଏ ୪୩ ବର୍ଷ ରାଜତ୍ୱ କଲେ x x x ସ୍ନାନ ବେଦୀର ପହୁଣ୍ଡ ପଥର ବସାଇଲେ।"

ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ମୁତାବକ ପ୍ଲଟ ନଂ ୧୪୮ ରେ ଏହି ମଣ୍ଡପଟି ରହିଅଛି। ବଉଳମାଳା ପ୍ରସ୍ତରରେ ନିର୍ମିତ ଏହି ବର୍ଗାକାର କ୍ଷେତ୍ର ସ୍ୱରୂପ ମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ଉଭୟ ୫୪ ଫୁଟ୍ ୬ ଇଞ୍ଚ ଲେଖାଏଁ ରହିଥିବାସ୍ଥଳେ ଆନନ୍ଦବଜାର ଚଟାଣଠାରୁ ଏହା ୬ ଫୁଟ୍ ୬ ଇଞ୍ଚ ଉଚ୍ଚରେ ରହିଅଛି। ବର୍ଗାକୃତି ମଣ୍ଡପର ଚାରିଟି ପାହାଚ ପରେ ପଞ୍ଚମ ପାବଚ୍ଛ ଉପରେ ଶ୍ରୀବିଗ୍ରହମାନଙ୍କର ଆସ୍ଥାନ ନିମିତ୍ତ ପିଣ୍ଡି ରହିଅଛି। ଶ୍ରୀବିଗ୍ରହମାନେ ବିରାଜମାନ କରୁଥିବା ପିଣ୍ଡି ସଂଲଗ୍ନ ପ୍ରଭାକାନ୍ଥରେ ୬ ଟି କାଷ୍ଠ ନିର୍ମିତ ଖୁଣ୍ଟ ସଂସ୍ଥାପିତ ହୋଇଥାଏ। ଏହା 'ଅଞ୍ଜନା ଖୁଣ୍ଟି' ନାମରେ ପରିଚିତ।


ସ୍ନାନ ବେଦୀର ଚଟାଣରୁ ଯାଇଥିବା ପଞ୍ଚମ ପାବଚ୍ଛ ଉପରେ ସଂସ୍ଥାପିତ ତିନୋଟି ଗୋଲାକାର ପିଣ୍ଡି ଚକା ଉପରେ ଶ୍ରୀବିଗ୍ରହମାନେ ବିରାଜମାନ କରିଥାନ୍ତି। ଏହି ଚକାଗୁଡ଼ିକ କଳା ମୁଗୁନି ପ୍ରସ୍ତରରେ ନିର୍ମିତ। ତିନୋଟି ପିଣ୍ଡି ବା ଚକା ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ୩ ଫୁଟ୍ ଓ ଉଚ୍ଚତା ୯ ଇଞ୍ଚ। ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ୨ ଫୁଟ୍ ଓ ଉଚ୍ଚତା ୧୧ ଇଞ୍ଚ ଏବଂ ଶ୍ରୀବଳଭଦ୍ରଙ୍କ ପିଣ୍ଡିର ବ୍ୟାସାର୍ଦ୍ଧ ୨୮ ଇଞ୍ଚ ( ୨ ଫୁଟ୍ ୪ ଇଞ୍ଚ) ଓ ଉଚ୍ଚତା ଆଠ ଇଞ୍ଚ। ପିଣ୍ଡି ବା ଚକା ସଂସ୍ଥାପନ ହୋଇଥିବା ଆସ୍ଥାନଟିର ଲମ୍ବ ୨୪ ଫୁଟ୍ ଏବଂ ଓସାର ୫ ଫୁଟ୍ ବିଶିଷ୍ଟ ଅଟେ।

ସ୍ନାନମଣ୍ଡପ ଉପରକୁ ଯିବା ପାଇଁ ଉଭୟ ଦକ୍ଷିଣ ଓ ଉତ୍ତରର ପାର୍ଶ୍ୱରେ ପ୍ରସ୍ତର ପାବଚ୍ଛ ରହିଛି। ଦକ୍ଷିଣ ପାର୍ଶ୍ୱରେ ୭ ଟି ପାହାଚ ରହିଅଛି। ଏହି ପାବଚ୍ଛ ଦେଇ ଶ୍ରୀବିଗ୍ରହମାନେ ପହଣ୍ଡି ବିଜେରେ ସ୍ନାନ ମଣ୍ଡପସ୍ଥିତ ଚକା ଉପରେ ଅବତରଣ କରନ୍ତି।



ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାବିଗ୍ରହ ରତ୍ନ ସିଂହାସନରୁ ପୂର୍ବାଭିମୁଖୀ ସ୍ନାନ ମଣ୍ଡପରେ ବିରାଜମାନ କରୁଥିବା ଯୋଗୁଁ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ମଣ୍ଡପଟି ପାରମ୍ପରିକ ଚିତ୍ରକାର ସେବକମାନଙ୍କ ଦ୍ୱାରା ରଙ୍ଗ କରାଯାଇଥାଏ। ମଣ୍ଡପର ପ୍ରଭା କାନ୍ଥରେ ନାନା ପ୍ରକାର ଚିତ୍ରାଦି କାର୍ଯ୍ୟପୂର୍ବକ ଅଧିକ ଆକର୍ଷଣୀୟ କରାଯାଇଥାଏ। ସେଥିରେ ପଦ୍ମଚିତ୍ର, ଓଲଟ ପଦ୍ମ ଓ ଚାରି ବିଗ୍ରହଙ୍କ ପଛ ପାର୍ଶ୍ୱ ପ୍ରଭା କାନ୍ଥରେ ପଦ୍ମ ପୁଷ୍ପମାନ ନାଲି, ହଳଦିଆ, କଳା ଇତ୍ୟାଦି ପ୍ରାକୃତିକ ରଙ୍ଗ ଦ୍ୱାରା ଚିତ୍ରିତ ହୋଇଥାଏ। ସ୍ନାନ ମଣ୍ଡପରେ ପ୍ରସିଦ୍ଧ ସ୍ନାନୋତ୍ସବ ଉପଲକ୍ଷ୍ୟେ ୧୪ ଗୋଟି ଚାନ୍ଦୁଆ ଲଗାଯାଇଥାଏ।

ପବିତ୍ର ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହମାନେ ବିରାଜମାନ କରୁଥିବା ସମୟରେ ଜଳ ପୂଜା, ଜଳଲାଗି, ଗଜାନନ ବେଶ, ଷୋଡ଼ଶ ଉପଚାରରେ ବିପୁଳ ପରିମାଣର ଭୋଗ ଦ୍ରବ୍ୟାଦି ନୈବେଦ୍ୟ ନୀତି ସମ୍ପନ୍ନ ହୋଇଥାଏ। ଶ୍ରୀ ମହାପ୍ରସାଦ ଭୋଗ ପୂଜା ଓ ଗଜାନନ ବେଶର ଦୃଶ୍ୟ ଏହି ମଣ୍ଡପରୁ ବଡ଼ ଦାଣ୍ଡକୁ ଦୃଶ୍ୟମାନ ହୋଇଥାଏ। ଏପରିକି ସାଆଣ ମେଳାରେ ଭକ୍ତ ତଥା ଦର୍ଶନାର୍ଥୀମାନେ ସ୍ନାନ ମଣ୍ଡପ ଉପରକୁ ଯାଇ ଠାକୁରମାନଙ୍କର ଗଜାନନ ବେଶ ସନ୍ଦର୍ଶନ କରି ବିମୋହିତ ହୋଇଥାନ୍ତି।



## ମୁକ୍ତି ମଣ୍ଡପ

ଶ୍ରୀମନ୍ଦିର ଜଗମୋହନର ଦକ୍ଷିଣ ଦ୍ୱାର ବା ବେହେରଣ ଦ୍ୱାର ସାମ୍ନାରେ 'ମୁକ୍ତିମଣ୍ଡପ' ଅବସ୍ଥିତ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଭିତରେ ବେଢ଼ାରେ କ୍ରମିକ ନଂ ୧୩୨ ଓ ପ୍ଲଟ୍ ନଂ ୮୨ ଉପରେ ମୁକ୍ତି ମଣ୍ଡପ ପ୍ରତିଷ୍ଠିତ। ଏହାର ଅନ୍ୟ ନାମ ବ୍ରହ୍ମାସନ ବା ବ୍ରାହ୍ମବେଦୀ। ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ଅଛି ଯେ, ମୁକ୍ତି ମଣ୍ଡପରେ ନିମେଇ ୬ ଶାସନ, ରାହାଙ୍ଗ ୧୦ ଶାସନ ଓ ସିରୋଇ ୭ ଶାସନ ବ୍ରାହ୍ମଣମାନଙ୍କର ବସିବା ଅଧିକାର ଥିବା ସଙ୍ଗେ ସଙ୍ଗେ ଦଣ୍ଡୀ, ସନ୍ନ୍ୟାସୀ, ରାଜଗୁରୁ, ରାୟଗୁରୁ ଓ ଦେଉଳ ପୁରୋହିତଙ୍କର ବସିବା ଅଧିକାର ରହିଛି।

ମୁକ୍ତି ମଣ୍ଡପ ଲମ୍ବରେ ୩୮ ଫୁଟ୍ ଏବଂ ଓସାରରେ ୩୮ ଫୁଟ୍ ବିଶିଷ୍ଟ ଅଟେ। କଳାମୁଗୁନି ପ୍ରସ୍ତରରେ ନିର୍ମିତ ଏହି ମଣ୍ଡପର ଉଚ୍ଚତା ୬ଫୁଟ। ଷୋଳଗୋଟି ବିରାଟ ଗୋଲାକାର ସ୍ତମ୍ଭ ଉପରେ ମଣ୍ଡପଟିରେ ପୀଢ଼ ଛାତ ନ୍ୟସ୍ତ ରହିଛି। ପୁରୀର ପ୍ରସିଦ୍ଧ ଷୋଳଶାସନର ପ୍ରତିଭୂ ରୂପେ ଏଥିରେ ଷୋଳ ଗୋଟି ସ୍ତମ୍ଭ ରହିଛି।

ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଳ ଦଶମୀଠାରୁ ପ୍ରତିପଦା ଯାଏଁ ସାତଦିନ ବ୍ୟାପୀ ଶ୍ରୀବିଗ୍ରହମାନଙ୍କର ପବିତ୍ର ଝୁଲଣ ଯାତ୍ରା ଏହି ମଣ୍ଡପ ଉପରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ସପ୍ତମୀ ଦିନ ମୁକ୍ତି ମଣ୍ଡପ ତରଫରୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଷୋଳଶାସନ ଭୋଗ କରାଯାଏ। ସେହିପରି ନୃସିଂହ ଜନ୍ମ ତିଥିରେ ଏହି ମଣ୍ଡପରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ।

ମୁକ୍ତି ମଣ୍ଡପରେ ବିରାଜିତ ଶ୍ରୀଗଣେଶ ଓ କାଳିକା ଦେବୀ ପ୍ରତ୍ୟହ ପୂଜିତ ହୁଅନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ପ୍ରତ୍ୟହ ସକାଳ ଓ ଦ୍ୱିପ୍ରହର ଧୂପରେ ୨ ଥାଳି ମହାପ୍ରସାଦ ଏଠାକୁ ଆସେ। ଉକ୍ତ ଥାଳିରୁ ଚଉଠେ ପ୍ରଧାନୀ ସେବକ ନିଏ ଓ ଅବଶିଷ୍ଟାଂଶ ମଣ୍ଡପ ଉପରେ ବସିଥିବା ବ୍ରାହ୍ମଣମାନେ ପାଆନ୍ତି।

ଗଜପତି ମହାରାଜା ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ବାଟେ ଫେରିବା ସମୟରେ ମୁକ୍ତି ମଣ୍ଡପରେ ମୁଣ୍ଡ ଲଗାଇ ପ୍ରଣାମ କରିଥାନ୍ତି।

ଶ୍ରୀମନ୍ଦିରରେ ଅବସ୍ଥିତ ଏହି ସୁପ୍ରାଚୀନ ମଣ୍ଡପଟି ଏକଦା ଉତ୍କଳର ଶ୍ରେଷ୍ଠ ବିଦ୍ୱାନ୍ ତଥା ପଣ୍ଡିତ ବ୍ରାହ୍ମଣ ବର୍ଗଙ୍କର ସଭା ଥିଲା। 'ବେଦାନ୍ତସାର ଗୁପ୍ତଗୀତା'ରେ ବର୍ଣ୍ଣିତ ତଥ୍ୟାନୁସାରେ ବଳଭଦ୍ର ରାଜଗୁରୁ ସେ ସମୟର ପ୍ରସିଦ୍ଧ ପଣ୍ଡିତ ତଥା ବେଦାନ୍ତବିତ୍ ଥିଲେ। ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତନୁଯାୟୀ ମାନସିଂହ ୧୫୯୨ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିଥିଲେ। ଏହାଙ୍କ ପାଟରାଣୀ ଗୌରରାଣୀ ୧୫୮୦ ଖ୍ରୀଷ୍ଟାବ୍ଦରେ ଏହି ମଣ୍ଡପର ଜୀର୍ଣ୍ଣ ଉଦ୍ଧାର କରିଥିଲେ। ମାଦଳାପାଞ୍ଜିରେ ହୋଇଥିବା ଉଲ୍ଲେଖ ପ୍ରକାରେ "ରାମଚନ୍ଦ୍ର ଦେବ (ଭୋଇବଂଶ)ଙ୍କ ଅ ୧୪ ଙ୍କ ମାନସିଂହଙ୍କ ଭାର୍ଯ୍ୟା ଗୌରରାଣୀ ବଡ଼ ଦେଉଳ ମୁକୁତ ମୋଣ୍ଡପ ଗଢ଼ାଇଲେ। ମୁକ୍ତିମଣ୍ଡପର କେତେକ ପ୍ରଧାନ ଭୂମିକା ତଥା କାର୍ଯ୍ୟ ମଧ୍ୟରେ ଓଡ଼ିଶାର ଧର୍ମାଚରଣ ସମ୍ପର୍କୀୟ ବିଭିନ୍ନ ସମାଧାନ ତଥା ଶାସ୍ତ୍ରୀୟ ବ୍ୟବସ୍ଥା ପ୍ରଦାନ ପାପ ପାଇଁ ପ୍ରାୟଶ୍ଚିତ ବିଧାନ କରିବା ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ । ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱକାଳରେ ମୁକ୍ତି ମଣ୍ଡପର ପ୍ରସିଦ୍ଧି ସର୍ବତ୍ର ରହିଥିବା ଜଣାଯାଏ।







## ଜଳକ୍ରୀଡ଼ା ମଣ୍ଡପ

ଶ୍ରୀମନ୍ଦିର ବେଢାସ୍ଥିତ ନୃସିଂହ ମନ୍ଦିର ପାଶ୍ଚାତ୍ ଭାଗରେ ତଥା ରୋହିଣୀକୁଣ୍ଡ ପାର୍ଶ୍ୱରେ ଜଳକ୍ରୀଡ଼ା ମଣ୍ଡପ ଅବସ୍ଥିତ। ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ପ୍ଲଟ ନଂ ୮୦ରେ ମଣ୍ଡପଟି ରହିଥିବା ଜଣାଯାଏ। ମଣ୍ଡପର ଉଚ୍ଚତା ପ୍ରାୟ ୨୩ ଫୁଟ୍ ଅଟେ ଏବଂ ଭିତରେ ବେଢ଼ା ପତନଠାରୁ ମଣ୍ଡପଟି ୫ ଫୁଟ ଉଚ୍ଚରେ ଅବସ୍ଥିତ। ପୀଢ଼ ଶୈଳୀରେ ମଣ୍ଡପଟି ମୁଖ୍ୟତଃ ବଉଳମାଳା ପ୍ରସ୍ତରରେ ନିର୍ମିତ। ମଣ୍ଡପର ମୁଖ୍ୟ ପ୍ରବେଶ ପଥରେ ଜୟ ବିଜୟ ମୂର୍ତ୍ତି ପ୍ରତିଷ୍ଠିତ ହୋଇଛନ୍ତି। ଏହି ମୂର୍ତ୍ତି ଦ୍ୱୟ ୩ ଫୁଟ୍ ଉଚ୍ଚତା ବିଶିଷ୍ଟ ଏବଂ ଚତୁର୍ଭୁଜା ଅଟନ୍ତି। ଉପର ଦୁଇ ହସ୍ତରେ ଶଙ୍ଖ, ଚକ୍ର ଓ ତଳ ଦୁଇ ହସ୍ତରେ ଗଦା, ଜପମାଳା ଧାରଣ କରିଛନ୍ତି।

ଜଳକ୍ରୀଡ଼ା ମଣ୍ଡପଟି ୧୬ ଫୁଟ୍ ଲମ୍ବ ଓ ୧୬ଫୁଟ ଓସାର ବିଶିଷ୍ଟ ଅଟେ। ମଣ୍ଡପ ମଧ୍ୟ ଭାଗରେ ଏକ ପ୍ରସ୍ତର ନିର୍ମିତ କୁଣ୍ଡ ରହିଛି। ମଣ୍ଡପ ଉପରେ ଥିବା ଚନ୍ଦନ କୁଣ୍ଡଟିର ଲମ୍ବ ୨ ଫୁଟ, ପ୍ରସ୍ଥ ୧ ଫୁଟ ୬ଇଞ୍ଚ ଓ ଗଭୀର ୧୦ ଇଞ୍ଚ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପ୍ରତିମାଙ୍କ ଭିତର ଚନ୍ଦନ ଯାତ୍ରା ଅବସରରେ ଏହି ମଣ୍ଡପରେ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠକୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ, ରୁକ୍ମିଣୀ ହରଣ ଏକାଦଶୀ ଦିନ ଜଳକ୍ରୀଡ଼ା ନୀତି ପାଳିତ ହୋଇଥାଏ। ମଦନମୋହନ, ଶ୍ରୀଦେବୀ ମଣ୍ଡପ ଉପରକୁ ବିଜେ ହୋଇ ଜଳକ୍ରୀଡ଼ା ବିଧି ଅର୍ଥାତ୍ ଜଳକୁଣ୍ଡରେ ସ୍ନାନ, ପ୍ରସାଦ ଲାଗି, ଚନ୍ଦନ ପାଣି ପିଚକାରି, ପଣା ଭୋଗ ଓ ଶୀତଳ ଭୋଗ କରାଯାଏ। ଗବେଷକମାନଙ୍କ ମତାନୁଯାୟୀ ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରେ ଗଜପତି ମୁକୁନ୍ଦ ଦେବଙ୍କ ସମୟରେ ନିର୍ମିତ ହୋଇଥିଲା। ବିଶେଷ କରି 'ନୀଳାଦ୍ରି ମହୋଦୟ'ରେ ଜଳକ୍ରୀଡ଼ା ମଣ୍ଡପ ସଂକ୍ରାନ୍ତରେ ବର୍ଣ୍ଣନା ଥିବାରୁ ଏହା ସପ୍ତଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଜଣାଯାଏ। ସୁତରାଂ ଏହି ମଣ୍ଡପ ୧୬୫୭ରୁ ୧୬୮୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମାଣ ହୋଇଥିବା ସମ୍ଭବ ମନେ ହୁଏ। ■



ଶ୍ରୀଜଗନ୍ନାଥ ସଂସ୍କୃତିର ବରିଷ୍ଠ ଗବେଷକ
ଶ୍ରୀଜଗନ୍ନାଥ ଧାମ, ପୁରୀ, ମୋ: ୯୪୩୭୨୮୧୧୦୨





ସର୍ବଧର୍ମ ସମନ୍ୱୟର ଶ୍ରେଷ୍ଠ ପୀଠସ୍ଥଳୀ ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ବାର ମାସରେ ତେର ଯାତ୍ରା ସହିତ ଶତାଧିକ ପର୍ବପର୍ବାଣି ଓ ଉପଯାତ୍ରା ପାଳିତ ହୋଇଥାଏ । କାରଣ, ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ମହିମା ଓ ଗରିମା ଯେପରି ବିଶ୍ୱବନ୍ଦନୀୟ, ସେହିପରି ତାଙ୍କ ପୀଠରେ ପାଳିତ ପର୍ବପର୍ବାଣି, ଯାନିଯାତ୍ରା, ମେଳା ମଉଚ୍ଛବ ମଧ୍ୟ ସର୍ବଜନାଦୃତ । ଏହି ସବୁ ଯାତ୍ରା ମଧ୍ୟରେ ଚନ୍ଦନଯାତ୍ରା, ସ୍ନାନଯାତ୍ରା, ରଥଯାତ୍ରା ଓ ଦୋଳଯାତ୍ରା ଅନ୍ୟତମ । ଯେପରି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ଏହି ପୀଠର ଗୁରୁତ୍ୱ ଓ ମାହାତ୍ମ୍ୟ ସମଗ୍ର ବିଶ୍ୱବାସୀଙ୍କୁ ଗୋଟିଏ ଧାର୍ମିକ ରଜ୍ଜୁରେ ବାନ୍ଧି ରଖିଛି, ସେହିପରି ଶ୍ରୀମନ୍ଦିରରେ ଥିବା ମଣ୍ଡପଗୁଡ଼ିକର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଶ୍ରୀଜଗନ୍ନାଥଙ୍କ ବିଧିବିଧାନ, ପୂଜାପଦ୍ଧତି, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ବିଶ୍ୱବାସୀଙ୍କ ହୃଦୟ କନ୍ଦରରେ ଭକ୍ତିଭାବ ସୃଷ୍ଟି କରିପାରିଛି ।

# ଶ୍ରୀମନ୍ଦିରର ମଣ୍ଡପ ତ୍ରୟ



ଶ୍ରୀକାନ୍ତ ମହାନ୍ତି

ଶ୍ରୀ ଜଗନ୍ନାଥ ମନ୍ଦିରରେ ମଣ୍ଡପ ଓ ବେଦୀ ପ୍ରାୟ ଗୋଟିଏ ଅର୍ଥରେ ପ୍ରୟୋଗ କରାଯାଏ । ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ବା ମହାବେଦୀକୁ 'ନୀଳାଦ୍ରି ମଣ୍ଡପ' କୁହାଯାଏ । ମଣ୍ଡପମାଳିନୀ ଶ୍ରୀମନ୍ଦିରରେ ଅନେକ ମଣ୍ଡପ ଦେଖାଯାଏ, ହେଲେ ମହାପ୍ରଭୁ ଭକ୍ତଙ୍କ ଦର୍ଶନ ପାଇଁ ବିଶେଷଭାବେ ଶ୍ରୀମନ୍ଦିରରେ 'ରତ୍ନ ମଣ୍ଡପ' ଓ 'ସ୍ନାନ ମଣ୍ଡପ'ରେ ବିଜେ ହୋଇଥାନ୍ତି । ଏହି ଦୁଇଟିକୁ ବାଦ୍ ଦେଲେ ଶ୍ରୀମନ୍ଦିର ବେଢ଼ାରେ ସଂଖ୍ୟାଧିକ ମଣ୍ଡପ ବିଦ୍ୟମାନ । ଏହି ମଣ୍ଡପମାନ ଏକ ସମୟରେ ନିର୍ମିତ ହୋଇ ନାହିଁ । କାଳକ୍ରମେ ଏହା ବିଭିନ୍ନ ରାଜା, ମହାରାଜାଙ୍କ ରାଜତ୍ୱ କାଳରେ ବିଭିନ୍ନ ସମୟରେ ନିର୍ମାଣ କରାଯାଇଛି । ସେଥିମଧ୍ୟରୁ ନାଟ ମଣ୍ଡପ, ଭୋଗ ମଣ୍ଡପ ଓ ନାଭିକଟା ମଣ୍ଡପ ଅନ୍ୟତମ । ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନଚର୍ଯ୍ୟା, ଯାନିଯାତ୍ରା ଓ ଉତ୍ସବାଦିରେ ଏହି ମଣ୍ଡପଗୁଡ଼ିକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶେଷ ସେବା ନିମିତ୍ତ ଶ୍ରୀମନ୍ଦିରର ଉଭୟ ଭିତର ଓ ବାହାର ବେଢ଼ାରେ ଥିବା ଭିନ୍ନ ଭିନ୍ନ ମଣ୍ଡପ ମହାପ୍ରଭୁଙ୍କ ଯାନିଯାତ୍ରା, ବିଶେଷ ନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଭିନ୍ନ ଭିନ୍ନ ରୂପରେ ତାଙ୍କର ଉପାସନା ଧାରା ପ୍ରବର୍ତ୍ତିତ ହୋଇଥିଲେ ହେଁ ପ୍ରାଚୀନତମ କ୍ଷେତ୍ର ପୁଣ୍ୟ ନୀଳାଚଳ ଧାମରେ ମଣ୍ଡପ ଏକ ସ୍ୱତନ୍ତ୍ର ସାକ୍ଷର ବହନ କରେ ।




## ନାଟ ମଣ୍ଡପ

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ନାଟ ମଣ୍ଡପଟି ପ୍ଲଟ୍ ନଂ-୧୦ରେ ଅବସ୍ଥିତ । ଶ୍ରୀମନ୍ଦିରର ଭୋଗ ମଣ୍ଡପ ଓ ଜଗମୋହନର ମଧ୍ୟବର୍ତ୍ତୀ ସ୍ଥାନକୁ 'ନାଟ ମଣ୍ଡପ' କୁହାଯାଏ । ଭିତର ବେଢ଼ାର ଉତ୍ତର ଦିଗରୁ ସାତ ପାହାଚ ଦେଇ ନାଟ ମଣ୍ଡପକୁ ପ୍ରବେଶ କରିଥା'ନ୍ତି । କୂର୍ମ ବେଢ଼ାରୁ ଏହି ମଣ୍ଡପକୁ ଆସିବା ପାଇଁ ଉତ୍ତରପଟେ 'ସାତପାହାଚ ଦ୍ୱାର' ଅନ୍ୟଟି ଦକ୍ଷିଣପଟେ 'ପଣ୍ଡା ଦ୍ୱାର', 'ମୁଦୁଲି ଦ୍ୱାର' ଓ ଉତ୍ତରପାର୍ଶ୍ୱରେ 'ଗାରଦ ଦ୍ୱାର', 'ଘଣ୍ଟି ଦ୍ୱାର' ଦେଇ ଭିତରକୁ ପ୍ରବେଶ କରିହୁଏ । ଗତ କିଛିବର୍ଷ ହେଲା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ 'ପଣ୍ଡା ଦ୍ୱାର' ଓ 'ମୁଦୁଲି ଦ୍ୱାର'କୁ ବନ୍ଦ କରି ରଖାଯାଇଛି ।

ନାଟ ମଣ୍ଡପର ଚାରିଧାଡ଼ିରେ ୧୬ଗୋଟି ଚତୁଷ୍କୋଣ ସ୍ତମ୍ଭ ରହିଛି । ପ୍ରତି ସ୍ତମ୍ଭର ଓସାର ୬ ଫୁଟ । ସ୍ତମ୍ଭ ଗୁଡ଼ିକରେ ବିଭିନ୍ନ ଦେବଦେବୀଙ୍କ ଚିତ୍ର ରହିଛି । ପ୍ରଥମ ସ୍ତମ୍ଭରେ ଚର୍ଚ୍ଚା ଗଣେଶ, ଚତୁର୍ଥ ସ୍ତମ୍ଭରେ ଶ୍ରୀକୃଷ୍ଣ ଓ ମହାବୀର, ପଞ୍ଚମ ସ୍ତମ୍ଭରେ ପଞ୍ଚମୁଖୀ ହନୁମାନ, ଷଷ୍ଠ ସ୍ତମ୍ଭରେ ସୁଗ୍ରୀବ ଓ ଗାୟତ୍ରୀ, ସପ୍ତମ ସ୍ତମ୍ଭରେ ବିଭୀଷଣ, ଦଶମ ସ୍ତମ୍ଭରେ ଚକ୍ରନାରାୟଣ, ଏକାଦଶ ସ୍ତମ୍ଭରେ ବିମଳା ଠାକୁରାଣୀ ଓ ଶ୍ରୀଚୈତନ୍ୟ, ତ୍ରୟୋଦଶ ସ୍ତମ୍ଭରେ ନୃସିଂହ, ଚତୁର୍ଦ୍ଦଶ ସ୍ତମ୍ଭରେ ଦକ୍ଷିଣକାଳୀ ଓ ମା' ଶୀତଳା, ପଞ୍ଚଦଶ ସ୍ତମ୍ଭରେ ମା' ମଙ୍ଗଳା ବିରାଜମାନ କରିଛନ୍ତି । ପ୍ରତ୍ୟହ ପୂଜାପଣ୍ଡା ସେବକ ସ୍ତମ୍ଭମାନଙ୍କରେ ବିରାଜିତ ଦେବଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ନାଟ ମଣ୍ଡପ ଉପରେ ଏକ ପୀଢ଼ ଛାତ ରହିଛି । ଏହି ମଣ୍ଡପର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ମାପ ଅନୁଯାୟୀ ଏହା ଏକ ବର୍ଗାକାର କ୍ଷେତ୍ର । ଏହାର ଲମ୍ବ ୬୯ ଫୁଟ ଓ ପ୍ରସ୍ଥ ୬୭ ଫୁଟ । ନାଟ ମଣ୍ଡପର ଚଟାଣଟି ବଉଳମାଳା ପ୍ରସ୍ତରରେ ନିର୍ମିତ । ଚଟାଣ ଉପରୁ ଛାତର ଉଚ୍ଚତା ପ୍ରାୟ ୩୦ ଫୁଟ ।

ନାଟ ମଣ୍ଡପ ମଧ୍ୟଭାଗର ପୂର୍ବ ଦିଗକୁ ଗରୁଡ଼ ସ୍ତମ୍ଭ ପ୍ରତିଷ୍ଠିତ । ନାଟ ମନ୍ଦିର ଭିତରେ ପ୍ରବେଶ କରି ଗରୁଡ଼ ସ୍ତମ୍ଭ ପାଖେ ପହଞ୍ଚି ଗର୍ଭଗୃହ ମଧ୍ୟକୁ ଦୃଷ୍ଟି ଦେଲେ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ମୁଖାରବିନ୍ଦ ଦୃଶ୍ୟମାନ ହୁଏ । ଶ୍ରୀବଳଭଦ୍ର ହେଉଛନ୍ତି ବଡ଼ ଦେଉଳର ବଡ଼ ଠାକୁର । ଗରୁଡ଼ ସ୍ତମ୍ଭ ପଛକୁ ଗଲେ ମା' ସୁଭଦ୍ରାଙ୍କ ଦର୍ଶନ ମିଳେ । ଟିକିଏ ବାମପାର୍ଶ୍ୱକୁ ଯାଇ ଗର୍ଭଗୃହ ମଧ୍ୟକୁ ଦୃଷ୍ଟି ଦେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ ଦିଅନ୍ତି ।

ଭକ୍ତମାନେ ପ୍ରଥମେ ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇ ପ୍ରଣାମ କରି ଶ୍ରୀବିଗ୍ରହମାନଙ୍କୁ ମୁଣ୍ଡିଆ ମାରିଥାନ୍ତି ।

ନାଟ ମଣ୍ଡପର ବାମରୁ ଡାହାଣକୁ ଦଶାବତାର ମୂର୍ତ୍ତି ସମେତ ପୂର୍ବପଟ କାନ୍ଥରେ ଅନନ୍ତଶୟନ ମୂର୍ତ୍ତି, କାଞ୍ଚିକାବେରୀ ଯୁଦ୍ଧଯାତ୍ରା ସମୟର ଦୃଶ୍ୟ ସମେତ ରାମ-କୃଷ୍ଣଙ୍କ ଲୀଳା ଚିତ୍ରିତ ହୋଇଥିବାର ଦୃଶ୍ୟମାନ ହୁଏ । ତନ୍ମଧ୍ୟରେ ବସ୍ତ୍ରହରଣ ଦୃଶ୍ୟ, କନ୍ଦର୍ପ ରଥ, ବଂଶୀଧାରୀ ଶ୍ରୀକୃଷ୍ଣ, ମଥୁରା ଯାତ୍ରା, ରାମ, ଲକ୍ଷ୍ମଣ ଓ ସୀତା, ତପସ୍ୟାରତ ହନୁମାନଙ୍କ ସମେତ ନାଟ ମଣ୍ଡପ ଛାତର ମଝି ଅଂଶରେ ଶ୍ରୀକୃଷ୍ଣଙ୍କ ରାସଲୀଳାର ଚିତ୍ର ଖୋଦିତ ହୋଇ ରହିଅଛି ।

ନାଟ ମଣ୍ଡପର ବାହାର କାଠ ଅର୍ଗଳିଠାରୁ ଗରୁଡ଼ ସ୍ତମ୍ଭ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ରହି ଶ୍ରୀଜୀଉଙ୍କ ଦର୍ଶନ କରିଥାନ୍ତି । ପ୍ରତ୍ୟହ ମଙ୍ଗଳ ଆଳତି ଓ ପହୁଡ଼ ଆଳତି ପୂର୍ବରୁ ବଡ଼ଛତା ମଠର ବୈଷ୍ଣବ, ବାବାଜୀମାନେ ଏଠାରେ ଭଜନ ଓ କୀର୍ତ୍ତନ କରିଥାନ୍ତି । 'ଶ୍ରୀମନ୍ଦିର ହୁଣ୍ଡି' ଏହି ମଣ୍ଡପରେ ସ୍ଥାପିତ ହୋଇଛି । ବହୁବର୍ଷ ପୂର୍ବେ ମାହାରୀମାନେ ମହାପ୍ରଭୁଙ୍କ ପହୁଡ଼ ସମୟରେ ଏଠାରେ ନୃତ୍ୟ ପରିବେଷଣ କରୁଥିଲେ । ଅନେକ ବର୍ଷ ଧରି ଏହି ସେବାର ବିଲୁପ୍ତି ଘଟିଛି । ସେଥିପାଇଁ ଏହାର ନାମକରଣ 'ନାଟ ମଣ୍ଡପ' କରାଯାଇଥିବାର ଅନୁମାନ କରାଯାଏ । କେହି କେହି ଏହି ମଣ୍ଡପକୁ ମଧ୍ୟ 'ନାଟପା ମଣ୍ଡପ' କହିଥାନ୍ତି । ଏହି ମଣ୍ଡପରେ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ପ୍ରସଙ୍ଗରେ ବିଭିନ୍ନ ଲୀଳା ସହ ଭିନ୍ନ ଭିନ୍ନ ଦିନ ଅନ୍ଧଲୀଳା, ଦାହଲୀଳା ତଥା ବିମ୍ବାସୁର ବଧ ପ୍ରସ୍ତାବ ହୁଏ । ଏହି ମଣ୍ଡପରେ ବସି ମହାପ୍ରଭୁଙ୍କୁ ସ୍ମରଣ କଲେ ମନୁଷ୍ୟର ସମସ୍ତ ଅବାସ୍ତବ ଚିନ୍ତା ତଥା ସାଂସାରିକ ମୋହମାୟା ଦୂର ହୋଇଯାଇ ମନ କେବଳ ଭଗବତ୍ ଚିନ୍ତାରେ ନିୟୋଜିତ ହେଉଥିବାରୁ ଏହାର ଅନ୍ୟନାମ 'ଅଚିନ୍ତା ମଣ୍ଡପ' ।





## ଭୋଗ ମଣ୍ଡପ

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ଏହି ମଣ୍ଡପ ପ୍ଲଟ୍ ନଂ-୧୧ ରେ ଅବସ୍ଥିତ । ଏହି ମଣ୍ଡପକୁ 'ଭଅଣ୍ଡ ଘର' ବା 'ଟେରା ମଣ୍ଡପ' ନାମରେ ମଧ୍ୟ ଅଭିହିତ କରାଯାଇଛି । ଶ୍ରୀମନ୍ଦିରର ସମ୍ମୁଖ ଭାବରେ କ୍ରମଶଃ ମୁଖଶାଳା ଜଗମୋହନ ପରେ ଭୋଗ ମଣ୍ଡପ ଅବସ୍ଥିତ । ଏହା ଜଗମୋହନର ପୂର୍ବ ଦିଗରେ ତଥା ଗରୁଡ଼ ସ୍ତମ୍ଭର ପଛ ଭାଗରେ ରହିଅଛି । ମଣ୍ଡପଟି ୧୪୭୦ ଖ୍ରୀଷ୍ଟାବ୍ଦରେ ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜୁତି କାଳରେ ନିର୍ମାଣ କରାଯାଇଥିବାର ସୂଚନା ମିଳେ । ଭୋଗ ମଣ୍ଡପ ନିର୍ମାଣ ପୂର୍ବରୁ ଏହି ସ୍ଥାନରେ ଶ୍ରୀଶଙ୍କରାଚାର୍ଯ୍ୟ ରହି ଶ୍ରୀଜୀଉଙ୍କ ସେବା ପରିଚାଳନା କରୁଥିବାର କୁହାଯାଏ ।

ଭୋଗ ମଣ୍ଡପରେ ମହାପ୍ରଭୁଙ୍କ ଭଅଣ୍ଡ ନୀତି ସମୟରେ ବହୁ ପରିମାଣରେ ଅନ୍ନ ବ୍ୟଞ୍ଜନାଦି ଭୋଗ କରାଯାଏ । ମଣ୍ଡପର ଦକ୍ଷିଣ ପାର୍ଶ୍ୱରେ ଭୋଗ ବୁହା ପାଇଁ 'ଅଚିନ୍ତା ପହଣ୍ଡ' ନାମରେ ଏକ ସୁଡ଼ଙ୍ଗ ପଥ ସଂଲଗ୍ନ ହୋଇଅଛି । ଏହା ଜଗମୋହନର ପୂର୍ବ ଦିଗରେ ଅବସ୍ଥିତ । ଭୋଗମଣ୍ଡପ ବାହାର ପଟର ଶିଳ୍ପକଳା ଅତୀବ ସୁନ୍ଦର । ତହିଁରେ କଳା ମୁଗୁନି ପଥରରେ ନିର୍ମିତ ବିଭିନ୍ନ ମୂର୍ତ୍ତି ଖଚିତ ହୋଇ ରହିଅଛି । ମଣ୍ଡପଟି ପଞ୍ଚରଥ ପୀଢ଼ ଦେଉଳ ଆକାରର ଅଟେ । ମଣ୍ଡପଟି ଚାରିଗୋଟି ସ୍ତମ୍ଭ ଉପରେ ଅବସ୍ଥାପିତ । କଳାମୁଗୁନି ପଥରରେ ନିର୍ମିତ ଏହି ସ୍ତମ୍ଭଗୁଡ଼ିକର ଉଚ୍ଚତା ପ୍ରାୟ ୨୫ ଫୁଟ, ଓସାର ପ୍ରାୟ ୫ ଫୁଟ । ସ୍ତମ୍ଭ ଉପରେ ଲୁହା ବିମ୍ ରଖାଯାଇ ତହିଁ ଉପରେ ପୀଢ଼ ଶୈଳୀରେ ଛାତ ରହିଛି । ଏହି ଶିଖର ପିଢ଼ାକୃତି ଘର ଉପରେ ଏକ ବିରାଟ ପିତଳ ଗରା ବା ଭାଣ୍ଡ ଥିବାରୁ କେତେକ ଏହାକୁ 'ଭାଣ୍ଡ ମଣ୍ଡପ' ମଧ୍ୟ କହିଥାନ୍ତି । ଏହାର ଦୈର୍ଘ୍ୟ ପୂର୍ବ-ପଶ୍ଚିମ ୫୮ ଫୁଟ ଓ ଓସାର ଉତ୍ତର-ଦକ୍ଷିଣ ୫୬ ଫୁଟ ।

ଭୋଗ ମଣ୍ଡପ ଗୃହର ପଶ୍ଚିମ ପାର୍ଶ୍ୱ ଦ୍ୱାର ଅତିକ୍ରମ କଲେ ଡାହାଣ ପାର୍ଶ୍ୱର ପ୍ରଥମ ସ୍ତମ୍ଭର ପ୍ରାୟ ୧୦ ଫୁଟ ଉଚ୍ଚରେ ଏକ ହସ୍ତୀ ଓ ଦ୍ୱିତୀୟ ସ୍ତମ୍ଭରେ କଳା ମୁଗୁନି ପଥରରେ ନିର୍ମିତ ପକ୍ଷୀରାଜ ଗରୁଡ଼ଙ୍କ ଉପରେ ନାରାୟଣ ଉପବେଶନ କରିଥିବାର ଦୃଶ୍ୟମାନ ହୁଏ । ଏହାକୁ 'ଗରୁଡ଼ ଦ୍ୱାର' ବା 'ପକ୍ଷୀରାଜ ଦ୍ୱାର' କୁହାଯାଏ । ସେହିପରି ବାମ ପାର୍ଶ୍ୱର ଦୁଇଟି ସ୍ତମ୍ଭ ଉପରେ ଗୋଟିଏ ଲେଖାଏଁ ସିଂହମୂର୍ତ୍ତି ବିରାଜମାନ କରିଛନ୍ତି । ଏହି ମୂର୍ତ୍ତି ଗୁଡ଼ିକର ଉଚ୍ଚତା ପ୍ରାୟ ୨ ଫୁଟରୁ ୨.୫ ଫୁଟ ହେବ ।

ଭୋଗ ମଣ୍ଡପ ବଉଳମାଳା (ଶାଣ ପଥର) ରେ ନିର୍ମିତ । ଭୋଗ ମଣ୍ଡପର ପ୍ରାୟ ୧୫ ରୁ ୧୭ ଫୁଟ ଉଚ୍ଚରେ କାଠ ଫ୍ରେମ୍ ଓ ଲୁହା ଜାଲିର ଏକ ଆବରଣ ଦିଆଯାଇଛି । ଉପରଭାଗରେ ଶ୍ରୀକୃଷ୍ଣ ଲୀଳାର ବିଭିନ୍ନ ଦୃଶ୍ୟ ଖୋଦିତ ହୋଇଛି । ଏତଦ୍ଭିନ୍ନ ଅଘାସୁର ବଧ, ବକାସୁର ବଧ, ବନଭୋଜି ପ୍ରଭୃତି ଦୃଶ୍ୟର ଭାସ୍କର୍ଯ୍ୟମାନ ସ୍ପଷ୍ଟ ଭାବେ ପରିଦୃଶ୍ୟ ହୁଏ । ଭୋଗ ମଣ୍ଡପର ମଧ୍ୟବର୍ତ୍ତୀ ଭାଗଟି ତିନିଥାକ ବିଶିଷ୍ଟ ହୋଇ ବିଭିନ୍ନ କାରୁକାର୍ଯ୍ୟ ମଣ୍ଡିତ ହୋଇଛି । ମଧ୍ୟଭାଗରେ କଳା ମୁଗୁନି ପଥରର କନ୍ୟା ଓ ମିଥୁନ ମୂର୍ତ୍ତି ଛାଡ଼ି ଛାଡ଼ି ହୋଇ ରହିଛି । ପ୍ରସ୍ତର ମୂର୍ତ୍ତି ଗୁଡ଼ିକର ଦୁଇ ପାର୍ଶ୍ୱରେ ଦୁଇଟି କାରୁକାର୍ଯ୍ୟ ସ୍ତମ୍ଭାଂଶ ରହିଛି । ମଣ୍ଡପରେ ଗଣେଶ, ବ୍ରହ୍ମା, ମହାଦେବ, କାଳିକା, ନୃସିଂହଙ୍କ ପ୍ରତିମା ଓ ଚିତ୍ର ଅଛନ୍ତି । ଭୋଗ ମଣ୍ଡପର ଅନ୍ୟ ତିନି ଦିଗରେ ତିନୋଟି ଦ୍ୱାର ରହିଛି ।

ଭୋଗ ମଣ୍ଡପର ବାଡ଼ଟି ୫ ଭାଗରେ ବିଭକ୍ତ । କଳା ମୁଗନି ପ୍ରସ୍ତରରେ ନିର୍ମିତ ଫଳକ ଗୁଡ଼ିକରେ ସିଂହାସନାସୀନ ରାଜାଙ୍କର ଦୃଶ୍ୟ, ହସ୍ତୀ ଶୋଭାଯାତ୍ରାରେ ରାଜାଙ୍କର ପାଲିଙ୍କିରେ ବିଜେ, ହଂସ ନାବକେଳି, ରଥଯାତ୍ରା, ରାମାଭିଷେକ, ଶିବ ତାଣ୍ଡବ ଓ ଦକ୍ଷିଣବାଡ଼ର ପୂର୍ବ ଆଡ଼କୁ ଶ୍ରୀଜଗନ୍ନାଥ, ଶିବଲିଙ୍ଗ ଓ ଚତୁର୍ଭୁଜା ମହିଷମର୍ଦ୍ଦିନୀ ରହିଛନ୍ତି । ସିଂହାସନ ଆଗରେ ଜଣେ ପୁରୁଷ ହସ୍ତରେ ପୁଷ୍ପମାଲ୍ୟ ଏବଂ ଅନ୍ୟଜଣେ ପୁରୁଷ ଯୋଡ଼ହସ୍ତରେ ଦଣ୍ଡାୟମାନ । ତତ୍ପଶ୍ଚାତ୍ ଜଣେ ଚାମର, ଜଣେ ଝରି ଓ ଅନ୍ୟ ଜଣେ ବସ୍ତ୍ର ଧରିଛନ୍ତି ।

ଏହି ମଣ୍ଡପରେ ପ୍ରତ୍ୟହ ବିଭିନ୍ନ ମଠବାଡ଼ି ଓ ବ୍ୟକ୍ତିବିଶେଷଙ୍କ ଛତ୍ରଭୋଗ, ବରାଦି, ବିକ୍ରୟ ନିମିତ୍ତ ଅନ୍ନ ବ୍ୟଞ୍ଜନାଦି ଭୋଗପୂଜା ହୋଇଥାଏ । ଏହି ଧୂପର କିଛି ନିର୍ଦ୍ଦିଷ୍ଟ ଭୋଗ ନାହିଁ । ନୀଳାଦ୍ରି ମହୋଦୟ ପୂର୍ବଦିନ ୧୦୮ ଗରା ଜଳ ଅଧିବାସ, ପୁଷ୍ୟାଭିଷେକ ପୂର୍ବଦିନ ଜଳ-ଘୃତ ଅଧିବାସ, ମକର ସଂକ୍ରାନ୍ତି ପୂର୍ବଦିନ ଚାଉଳ ଅଧିବାସ, ଅକ୍ଷୟ ତୃତୀୟା ପୂର୍ବଦିନ ଚନ୍ଦନ ଅଧିବାସ ଓ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ଦୟଣା ଅଧିବାସ ଅନୁଷ୍ଠିତ ହୋଇଥାଏ । ଭୋଗମଣ୍ଡପ ଭିତରକୁ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ ।

## ନାଭିକଟା ମଣ୍ଡପ

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ନାଭିକଟା ମଣ୍ଡପଟି ପ୍ଲଟ୍ ନଂ-୩୧ରେ ପ୍ରତିଷ୍ଠିତ । ଶ୍ରୀମନ୍ଦିର ଭିତର ବେଢ଼ାସ୍ଥିତ ଗାରଦ ଘରର ପଶ୍ଚିମ ପାର୍ଶ୍ୱରେ ଏହି ମଣ୍ଡପ ଅବସ୍ଥିତ । ମଣ୍ଡପଟି ପୀଢ଼ ଶୈଳୀରେ ବଉଳମାଳା ପ୍ରସ୍ତରରେ ନିର୍ମିତ । ଏହି ମଣ୍ଡପରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ମହାପ୍ରଭୁଙ୍କର ଜନ୍ମନୀତି ଅଥବା ନାଭିକଟା କର୍ମ ଯଥାବିଧି ଅନୁଷ୍ଠିତ ହୋଇଥାଏ । ନାଭିକଟା ମଣ୍ଡପଟି ଅତୀତରେ 'ତେଲେଙ୍ଗା ମେର୍ଦ୍ଦା' ନାମରେ ପରିଚିତ ଥିଲା ।

ଦୋଳପୂର୍ଣ୍ଣିମା ଦିନ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କ ମାଜଣା, ବେଶ ଓ ଭୋଗନୀତି ପଞ୍ଚୋପଚାରରେ କରାଯିବା ପରେ ଦୋଳବେଦୀକୁ ବିଜେ କରିଥାନ୍ତି । ଏକଦା ରାଜାଙ୍କ ଦ୍ୱାରା ଦଣ୍ଡିତ ସେବକ, କର୍ମଚାରୀ ଓ ଯାତ୍ରୀମାନଙ୍କୁ ଏହି ମଣ୍ଡପରେ ବାହାରପଟୁ ତାଲା ପକାଇ ରଖାଯାଉଥିଲା । ଏହି ମଣ୍ଡପର ଅନ୍ୟନାମ 'ବଜନ୍ତ୍ରୀ ମଣ୍ଡପ' । ବଜନ୍ତ୍ରୀ ସେବକ ଧୂପ ପୂଜା ସମୟରେ ଏହି ମଣ୍ଡପରେ ବସି ତେଲିଙ୍ଗି ବାଦ୍ୟ ବଜେଇଥାନ୍ତି ।

ନାଭିକଟା ମଣ୍ଡପର ଉଚ୍ଚତା ପ୍ରାୟ ୧୨ ଫୁଟ । ୧୦ ଫୁଟରେ ୧୦ ଫୁଟ୍ ପରିମିତ ଏକ ବର୍ଗାକାର କ୍ଷେତ୍ର ତଥା ଚାରିଗୋଟି ସ୍ତମ୍ଭ ଉପରେ ଏହି ମଣ୍ଡପଟି ଅବସ୍ଥିତ । ସ୍ତମ୍ଭ ଗୁଡ଼ିକର ଉଚ୍ଚତା ୬ ଫୁଟ ଓ ଗୋଲେଇ ୨ ଫୁଟ ବିଶିଷ୍ଟ ଅଟେ । ମଣ୍ଡପର ଚତୁଃପାର୍ଶ୍ୱରେ ୪ଟି ଲୌହନିର୍ମିତ



ଗ୍ରୀଲ୍ ସଂସ୍ଥାପନ ହୋଇଛି । ମଣ୍ଡପର ମୁଖ୍ୟ ପ୍ରବେଶ ଦ୍ୱାର ଦକ୍ଷିଣାଭିମୁଖୀ । ପ୍ରବେଶ ପଥର ଗ୍ରୀଲ୍ଟି ସାଢ଼େ ଚାରିଫୁଟ ଅଟେ । ମଣ୍ଡପର ପ୍ରବେଶ ପଥ ଓ ଅନ୍ୟ ତିନି ପଟ ଦ୍ୱାରବନ୍ଧର ସ୍ତମ୍ଭମାନଙ୍କ ଉଚ୍ଚତା ୬ ଫୁଟ ୬ ଇଞ୍ଚ ।

ଏହି ମଣ୍ଡପର ମଧ୍ୟସ୍ଥଳରେ ଗୋଲାକାର କ୍ଷେତ୍ରରେ ଏକ ପଦ୍ମ ପାଖୁଡ଼ାର ଖୋଦେଇ ରହିଛି । ମଣ୍ଡପର ପୂର୍ବପଟ ସ୍ତମ୍ଭର ଭିତର ପାର୍ଶ୍ୱରେ ଦେଢ଼ ଫୁଟ ଉଚ୍ଚତାର ଦୁଇ ଭୁଜ ବିଶିଷ୍ଟ ମହାବୀର ବିରାଜମାନ କରିଛନ୍ତି । ମଣ୍ଡପର ଦକ୍ଷିଣ-ପଶ୍ଚିମ କୋଣକୁ ଅର୍ଥାତ୍ ନାଟ ମନ୍ଦିର କାନ୍ଥକୁ ଲକ୍ଷ୍ୟ କଲେ କେତେଗୁଡ଼ିଏ ଶୃଙ୍ଗାର ରସାତ୍ମକ ମୈଥୁନ ମୂର୍ତ୍ତି ପରିଦୃଷ୍ଟ ହୁଏ । ସଂପ୍ରତି ଏଠାରେ ପ୍ରତ୍ୟେକ ସଂଧ୍ୟାରେ ହୁଣ୍ଡି ଗଣତି କାର୍ଯ୍ୟ କରାଯାଉଛି । ■

ସଂପାଦକ 'ଅମୃତ ଅନୁଭବ', ମାର୍ଫତ - ଅନୁରାଗ
ମାର୍କଣ୍ଡେଶ୍ୱର ସାହି, ପୁରୀ-୭୫୨୦୦୧, ମୋ: ୯୨୩୮୮୮୭୯୭୮

# ଶ୍ରୀମନ୍ଦିରର ମଣ୍ଡପ



## ଭେଟ ମଣ୍ଡପ

ସ୍ନାନ ବେଦୀରେ ଅତ୍ୟଧିକ ସ୍ନାନ ଯୋଗୁଁ ଦାରୁ ବିଗ୍ରହମାନେ ଅସୁସ୍ଥ ହୋଇପଡ଼ନ୍ତି । ସେଥିପାଇଁ ପନ୍ଦର ଦିନ ଅଣସର ଘରେ ଚିକିତ୍ସିତ ହୋଇ ଶ୍ରୀଗୁଣ୍ଡିଚା ଦିନ ତିନି ଗୋଟି ରଥରେ ମହାଆଡ଼ମ୍ବରରେ ଜନ୍ମବେଦୀକୁ ଯାତ୍ରା କରନ୍ତି । ମହାପ୍ରଭୁ ଭ୍ରାତା ଓ ଭଗିନୀଙ୍କୁ ସାଥିରେ ନେବେ ଆଉ ସାଆନ୍ତାଣୀଙ୍କୁ ଶ୍ରୀମନ୍ଦିରରେ ଛାଡ଼ି ଦେଇ ଯିବେ, ଏ କଥା ଶ୍ରୀମନ୍ଦିର ସର୍ବକର୍ତ୍ତ୍ରୀଙ୍କୁ ସହ୍ୟ ହୁଅନ୍ତା କେମିତି! ଏଣୁ ସେ କ୍ଷୋଭରେ ଜର୍ଜରିତ ହୋଇ ମହାପ୍ରଭୁଙ୍କ ଗତିବିଧି ଉପରେ ଦୃଷ୍ଟି ରଖନ୍ତି । ହେରାପଞ୍ଚମୀ ଦିନ ଗୋପନ ଯାତ୍ରା କରି ଗୁଣ୍ଡିଚା ଘରେ ମହାପ୍ରଭୁଙ୍କ ଲୀଳା ପରଖି ଫେରିବା ବେଳକୁ ରାଗରେ ନନ୍ଦିଘୋଷର ଖଣ୍ଡିଏ କାଠ ପ୍ରତୀକାତ୍ମକ ରୂପେ ଭାଙ୍ଗି ଶ୍ରୀମନ୍ଦିରକୁ ବାହୁଡ଼ନ୍ତି । ବାହୁଡ଼ା ଯାତ୍ରା ଦିନ ଆନନ୍ଦ ବଜାର ପରିସରରେ ଥିବା ଚାହାଣି ମଣ୍ଡପକୁ ବିଜେ କରି ଫେରନ୍ତା ରଥଗୁଡ଼ିକକୁ ଅନୁଧ୍ୟାନ କରନ୍ତି । ନନ୍ଦିଘୋଷ ଆସି ଶ୍ରୀନହର ସମ୍ମୁଖରେ ଅଟକିଲେ, ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ କରି ରଥ ସମ୍ମୁଖରେ ପହଞ୍ଚନ୍ତି । ସେଠାରେ ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ସହିତ ମହାଲକ୍ଷ୍ମୀଙ୍କୁ ଭେଟ କରାନ୍ତି । ଏକାଦଶୀ ଦିନ ରଥ ଉପରେ ମହାପ୍ରଭୁଙ୍କ ଐଶ୍ୱର୍ଯ୍ୟ ଲୀଳା ରୂପେ ବଡ଼ ତଡ଼ାଉ ବେଶ ବା ସୁନା ବେଶ ଅନୁଷ୍ଠିତ ହୁଏ । ଦ୍ୱାଦଶୀ ତିଥିରେ ଅଧରପଣା ନୀତି ସମାପନାନ୍ତେ ତ୍ରୟୋଦଶୀ ଦିନ ସନ୍ଧ୍ୟାରେ ନୀଳାଦ୍ରି ବିଜେ ଅବସରରେ ପାରିବାରିକ ଦାମ୍ପତ୍ୟ ଲୀଳାର ପୂର୍ଣ୍ଣ ପ୍ରକାଶ ଘଟିଥାଏ । ପ୍ରଥମେ ଶ୍ରୀବଳଭଦ୍ର, ତା'ପରେ ମା' ସୁଭଦ୍ରା ଗୋଟି ପହଣ୍ଡିରେ ରଥରୁ ଯାଇ ରତ୍ନ ସିଂହାସନରେ ଯଥାରୀତି ବିଜେ କରିବା ପରେ ଆରମ୍ଭ ହୁଏ ନଟବର ନାଗରଙ୍କ ଆଡ଼ମ୍ବରପୂର୍ଣ୍ଣ ପହଣ୍ଡି ଲୀଳା । ମହାପ୍ରଭୁ ରଥ ଉପରେ ଚକା ଛାଡ଼ି ଆସି ଚାଳମାଳ ଉପରେ ପହଞ୍ଚି ଟାହିଆ ଲାଗି ହୁଅନ୍ତି । ସେତିକିବେଳେ ମହାଲକ୍ଷ୍ମୀ ଭଣ୍ଡାରଘର ଦୁଆରେ ବନକ ଲାଗି ହୋଇ ପାଟବସ୍ତ୍ର ପରିଧାନ ପୂର୍ବକ ଫୁଲମାଳ ମଣ୍ଡିତ ହୋଇ ମହାଜନ ସେବକଙ୍କ ଦ୍ୱାରା ଆସି ପାଲିଙ୍କିରେ ବିଜେ କରନ୍ତି । ସେଠାରୁ ଘଣ୍ଟ, କାହାଳୀ, ଓଲାର, ଦିହୁଡ଼ି ସହ ପଟୁଆରରେ ଆସି ରୋଷଘର ପରିସର ଦେଇ ଭେଟ ମଣ୍ଡପ ପଶ୍ଚାତ ଭାଗରେ ରହନ୍ତି ।

ପରମପାବନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁରୂପ ଧାରଣ କରି କଳିଯୁଗରେ ଭକ୍ତଜନଙ୍କୁ ତ୍ରିତାପରୁ ଉଦ୍ଧାର କରିବା ପାଇଁ ସ୍ୱୟଂ ଆବିର୍ଭୂତ ହୋଇ ବାର ମାସରେ ତେର ଯାତ୍ରା ସହ ମାନବୀୟ ଲୀଳା ପ୍ରକଟ କରୁଛନ୍ତି । ତନ୍ମଧ୍ୟରୁ ଆଷାଢ଼ ମାସରେ ଅନୁଷ୍ଠିତ ମହାପ୍ରଭୁଙ୍କ ମାଧୁର୍ଯ୍ୟ ଲୀଳା ଶ୍ରୀଗୁଣ୍ଡିଚା ଯାତ୍ରା ଅନ୍ୟତମ । ପ୍ରାୟ ଏକ ମାସ ବ୍ୟାପୀ ଏହି ଗୁଣ୍ଡିଚା ଯାତ୍ରାର ବିଭିନ୍ନ ପର୍ଯ୍ୟାୟ ଭିନ୍ନ ଭିନ୍ନ ମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ସେଗୁଡ଼ିକ ସ୍ନାନ ମଣ୍ଡପ, ଆଡ଼ପ ମଣ୍ଡପ, ଚାହାଣି ମଣ୍ଡପ ଓ ଭେଟ ମଣ୍ଡପ ରୂପେ ଅଭିହିତ । ସିଂହଦ୍ୱାର ଗୁମୁଟର ଦକ୍ଷିଣ ପାର୍ଶ୍ୱ ମେଘନାଦ ପାଚେରୀ ଉପରେ ଅବସ୍ଥିତ ପ୍ରାୟ ବାର ଫୁଟ ବର୍ଗାକାର କ୍ଷେତ୍ର ଉପରେ ପ୍ରତିଷ୍ଠିତ ସୁଦୃଶ୍ୟ ପୀଢ଼ ଶୈଳୀରେ ନିର୍ମିତ ପୂର୍ବାଭିମୁଖୀ ଭେଟମଣ୍ଡପ ଶ୍ରୀଗୁଣ୍ଡିଚା ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ନୀଳାଦ୍ରିବିଜେ ଅବସରରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମୟରେ ମହାପ୍ରଭୁଙ୍କ ଆହ୍ଲାଦିନୀ ଶକ୍ତି ରାଜ ରାଜେଶ୍ୱରୀ ମହାଲକ୍ଷ୍ମୀଙ୍କ ଆବିର୍ଭାବରେ ମହିମାନ୍ୱିତ ହୋଇ ଉଠେ ।



ଦେବୀ ପ୍ରସନ୍ନ ନନ୍ଦ



ସାଆନ୍ତାଣୀଙ୍କ ଏଭଳି ସଜବାଜ ଓ ପଟୁଆର ମହାପ୍ରଭୁଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବିଚାର କରାଯାଏ । ମହାଲକ୍ଷ୍ମୀ ଭେଟ ମଣ୍ଡପ ଆଗରେ ଡମ୍ବରୁ ଉପରେ ବିରାଜମାନ କଲା ପରେ ସେପଟେ ଦଇତାମାନେ ମହାପ୍ରଭୁଙ୍କୁ ଭେଟ ମଣ୍ଡପ ଆଡ଼କୁ ସାମାନ୍ୟ ମୁହାଁଇ ଦିଅନ୍ତି । ବ୍ରହ୍ମାଣ୍ଡ ନାଥଙ୍କ ସହିତ ତ୍ରୈଲୋକ୍ୟ ମୋହିନୀଙ୍କ ଚକ୍ଷୁନିର୍ମିଳନ କେତୋଟି ମୁହୂର୍ତ୍ତ ପାଇଁ ଘଟି ସାମୟିକ ଦାମ୍ପତ୍ୟ ରୋଷର ମାଧୁର୍ଯ୍ୟମୟ ପରିଣତିର ଉଦ୍‌ଘୋଷଣା କରେ । ଏବେ ପତିମହାପାତ୍ରଙ୍କ ଦ୍ୱାରା ମହାପ୍ରଭୁଙ୍କୁ ବନ୍ଦାପନା, ନୈବେଦ୍ୟ ଅର୍ପଣ ଓ କର୍ପୁର ଆଳତି ହେବା ସମୟରେ ଭେଟ ମଣ୍ଡପରେ ମହାଲକ୍ଷ୍ମୀଙ୍କୁ ସେହିଭଳି ବନ୍ଦାପନା ସହିତ ମାନଭଞ୍ଜନ ପାଇଁ ରସଗୋଲା ନୈବେଦ୍ୟ କରାଯାଏ । ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ନିଜ ଅପରୂପ ସୌନ୍ଦର୍ଯ୍ୟ ବଳରେ ବିମୋହିତ କରି ଭେଟମଣ୍ଡପରୁ ଶ୍ରୀମନ୍ଦିର ଭିତରକୁ ବାହୁଡ଼ନ୍ତି ସିନା ତଥାପି ତାଙ୍କର ରୋଷ ଶାନ୍ତ ହୁଏ ନାହିଁ । ଶ୍ରୀଜଗନ୍ନାଥ ପହଣ୍ଡିରେ ରଥରୁ ଓହ୍ଲାଇ ସିଂହଦ୍ୱାରକୁ ଆସିଲାବେଳକୁ ଠାକୁରାଣୀ ପୁଣି ଦୁଆର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଅନ୍ତି । ଉଭୟପକ୍ଷରୁ ବିସ୍ତୃତ ବଚନିକା ପରେ ପୁଣି ଦୁଆର ଫିଟେ ଆଉ ମହାପ୍ରଭୁ ପହଣ୍ଡି ହୋଇ ରତ୍ନ ସିଂହାସନକୁ ବିଜେ କରନ୍ତି ।

ବର୍ଷରେ ଗୋଟିଏ ଦିନ ଏହି ଭେଟ ମଣ୍ଡପ ମହାଲକ୍ଷ୍ମୀଙ୍କ ସାନ୍ନିଧ ଲାଭ କରି ତା'ର ଗୁରୁତ୍ୱ ବଜାୟ ରଖେ ।



## ଲକ୍ଷ୍ମୀ ମଣ୍ଡପ

ଶ୍ରୀମନ୍ଦିରର ବାୟୁକୋଣରେ ଅବସ୍ଥିତ ଲକ୍ଷ୍ମୀ ମନ୍ଦିର ନିଚ୍ଛକ ଓଡ଼ିଶୀ ଶୈଳୀରେ ନିର୍ମିତ ପଞ୍ଚରଥ ବିଶିଷ୍ଟ ମନ୍ଦିର । ସାହାଣ ପଥର ନିର୍ମିତ ମୁଖ୍ୟ ମନ୍ଦିର ତଥା ଜଗମୋହନର ଚତୁଃପାର୍ଶ୍ୱର କାନ୍ଥ ବିଭିନ୍ନ କାରୁକାର୍ଯ୍ୟ ମଣ୍ଡିତ । ସମ୍ମୁଖ ଭାଗରେ ରହିଛି ଏକ ପ୍ରଶସ୍ତ ନାଟ ମଣ୍ଡପ । ଏହାର ଛାତ ଚାରିପାଖକୁ ଚାଳ ଭଳି ଗଡ଼ି ରହିଛି । ଏହି ମନ୍ଦିରରେ ପୂଜିତା ଶ୍ରୀମହାଲକ୍ଷ୍ମୀଙ୍କ ବିଗ୍ରହ ସମ୍ମୁଖକୁ ନାଟ ମଣ୍ଡପର ପ୍ରବେଶ ଦ୍ୱାର ଗୋଟିଏ ସରଳରେଖାରେ ରହିବା ଦ୍ୱାରା ପାଟଅଗଣାରୁ ମଧ୍ୟ ଦେବୀଙ୍କ ଦର୍ଶନ କରିହୁଏ । ନାଟମଣ୍ଡପର ଚତୁଃପାର୍ଶ୍ୱରେ କାନ୍ଥ ଓ ଖମ୍ବଗୁଡ଼ିକ ମଧ୍ୟରେ ଆବଶ୍ୟକୀୟ



ବ୍ୟବଧାନ ରହିଥିବାରୁ ଉତ୍ତମ ବାୟୁସଞ୍ଚାଳନ ସମ୍ଭବ ହୁଏ । ଏଣୁ ଭକ୍ତମାନେ ଦର୍ଶନ ସାରି ଆସି କିଛି ସମୟ ଏହିଠାରେ ବସିବା ପାଇଁ ପସନ୍ଦ କରନ୍ତି । ଅନେକ ଏହିଠାରେ ବସି ଜପତପ ତଥା ପୁରାଣପାଠ ଆଦି କରୁଥିବାର ଦେଖାଯାଏ । ବୋଧହୁଏ ଏହି କାରଣରୁ ଏହି ମଣ୍ଡପକୁ 'ଅଚିନ୍ତା ମଣ୍ଡପ' କୁହାଯାଏ । ଏହି ମଣ୍ଡପର ଚଟାଣ ମସୃଣ ମାର୍ବଲ ପଥରରେ ନିର୍ମିତ ଯାହା ଭକ୍ତମାନଙ୍କ ପାଇଁ ଏକ ଆକର୍ଷଣ । ତତ୍ସହିତ ନାଟମଣ୍ଡପର ସମସ୍ତ କାନ୍ଥ ଓ ଛାତ ତଳେ କରାଯାଇଥିବା ଆକର୍ଷଣୀୟ ଚିତ୍ରଣ ଭକ୍ତ ମନରେ ଆଧ୍ୟାତ୍ମିକ ଭାବ ଉଦ୍ରେକ କରେ । ମଣ୍ଡପର ପୂର୍ବପଟ କାନ୍ଥର ଉତ୍ତର ପଟେ ସୁଦୃଶ୍ୟ ହନୁମାନଙ୍କ ଚିତ୍ର ରହିଅଛି । ଏହାଙ୍କ ବର୍ଣ୍ଣ ପିଙ୍ଗଳ ଚିତ୍ର ଅତ୍ୟନ୍ତ ପ୍ରାଞ୍ଜଳ ଅଟେ । ଏହି ମହାବୀର ଶିରୁଳି ମହାବୀରଙ୍କ ପ୍ରତିରୂପ ବୋଲି ବିଶ୍ୱାସ କରାଯାଏ । କିମ୍ବଦନ୍ତୀ କହେ, ପୂର୍ବେ ଏହି ମଣ୍ଡପରେ ହନୁମାନଙ୍କ ମୂର୍ତ୍ତି ରହିଥିଲା ଯାହାଙ୍କୁ କୌଣସି କାରଣରୁ ଶ୍ରୀମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶକ୍ରମେ ଅଢ଼େଇ ପାହୁଣ୍ଡ ଘୁଞ୍ଚାଇ ଦିଆଯାଇଛି ଏବଂ ସେହି ସ୍ଥାନରେ କେବଳ ଚିତ୍ର ଶୋଭା ପାଉଛି । ପୂର୍ବପଟ କାନ୍ଥର ଦକ୍ଷିଣ ପାର୍ଶ୍ୱରେ ବିରଳ ବାଇଶି ଭୁଜ ବିଶିଷ୍ଟ ନୃସିଂହଙ୍କ ଚିତ୍ରଣ ରହିଛି, ଯାହା ପ୍ରାୟତଃ ଆଉ କେଉଁଠାରେ ଦେଖାଯାଏ ନାହିଁ । ଦକ୍ଷିଣପାର୍ଶ୍ୱ କାନ୍ଥରେ ବହୁ ସର୍ପଫେଣାବେଷ୍ଟିତ ଚତୁର୍ଭୁଜ ବିଶିଷ୍ଟ ଚିନ୍ତାମଣି କୃଷ୍ଣଙ୍କ ଦୁଇପାର୍ଶ୍ୱରେ ହାତରେ ପଦ୍ମଧାରଣ କରି ଦୁଇଜଣ ସଖୀ ରହିଛନ୍ତି ଏବଂ ଉତ୍ତରପାର୍ଶ୍ୱର କାନ୍ଥରେ ରକ୍ତବର୍ଣ୍ଣର ପଞ୍ଚମୁଖୀ ଗଣେଶଙ୍କ ଚିତ୍ର ରହିଅଛି । ତାହା ସହିତ ପଶ୍ଚିମପାର୍ଶ୍ୱର ଉତ୍ତର ପାଖ କାନ୍ଥରେ ଅନନ୍ତ ଶ୍ରୀବିଭୂଷିତ ରାମାନୁଜାଚାର୍ଯ୍ୟ ସ୍ୱାମୀଙ୍କର ଏକ ବିଶାଳ ପ୍ରତିକୃତି ଏହି ଚିତ୍ରଣର ଅନ୍ତର୍ଭୁକ୍ତ । ସ୍ୱାମୀଙ୍କ ଏକ ହାତରେ ତ୍ରିଦଣ୍ଡ ଓ ପତକା ରହିଅଛି । ଏହି ପ୍ରତିକୃତିରେ ଉପରିଭାଗ ସହସ୍ର ସର୍ପଫଣା ଶୋଭିତ । ଏହା ବ୍ୟତୀତ ଆହୁରି ଅନେକ ସ୍ଥାନରେ ବିଭିନ୍ନ ଚିତ୍ରଣ ଯଥା ମଝିରେ ରାମାନନ୍ଦୀ ଚିତା ଥାଇ ଦୁଇ ପାର୍ଶ୍ୱରେ ଶଙ୍ଖ ଚକ୍ର ସହିତ ଗରୁଡ଼ ଓ ଧନୁତୀର ସହିତ ହନୁମାନଙ୍କ ଚିତ୍ର ରହିଅଛି । ଏହା ବ୍ୟତୀତ ଶ୍ରୀକୃଷ୍ଣ, କୃଷ୍ଣକାଳୀ, ଗଜଉଦ୍ଧାରଣ, ଲକ୍ଷ୍ମୀ ନାରାୟଣଙ୍କ ପଶାଖେଳ, ରାମସୀତାଙ୍କ ବିବାହ ତଥା ସ୍ୱୟମ୍ବର ଇତ୍ୟାଦି ବିଷୟ ଅପେକ୍ଷାକୃତ କ୍ଷୁଦ୍ରାକାରରେ ଚିତ୍ରିତ ହୋଇଅଛି । ସଂପୂର୍ଣ୍ଣ ଓଡ଼ିଶୀ ପଟ୍ଟଚିତ୍ର ଶୈଳୀରେ ଚିତ୍ରିତ ଏହି ରୂପଗୁଡ଼ିକ ସହିତ ଛାତ ତଳକୁ ଶ୍ରୀରାମାନୁଜ ସମ୍ପ୍ରଦାୟର ସ୍ୱାମୀମାନଙ୍କର ଅପେକ୍ଷାକୃତ କ୍ଷୁଦ୍ର ରୂପ ଓ ନାମ ଏବଂ ନିମ୍ନରେ ସ୍ୱାମୀଙ୍କ ଦ୍ୱାରା ପ୍ରଣୀତ ଉପନିଷଦର ଶ୍ଲୋକ କେତୋଟି ଗୋଟିଏ ଧାଡ଼ିରେ ଉଲ୍ଲେଖ ହୋଇଛି । ଏହିସବୁ ବିସ୍ତୃତ ଚିତ୍ରଣ ଶ୍ରୀସମ୍ପ୍ରଦାୟର ଅନୁଗାମୀମାନଙ୍କ ଉଦ୍ୟମରେ କରାଯାଇଥିବାର ଜଣାଯାଏ । ଉଲ୍ଲେଖଯୋଗ୍ୟ ଯେ ଶ୍ରୀତତ୍ତ୍ୱର ପ୍ରବକ୍ତା ସ୍ୱାମୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ଉକ୍ତ ମଣ୍ଡପ ବିକଶିତ ହୋଇଥିଲା ।

ମହାପ୍ରଭୁଙ୍କ ରୀତିନୀତିରେ ଲକ୍ଷ୍ମୀ ମଣ୍ଡପର ବିଶେଷ ଭୂମିକା ରହିଅଛି । ପ୍ରତି ଗୁରୁବାର ସନ୍ଧ୍ୟାଧୂପ ପରେ ଶ୍ରୀଜଗନ୍ନାଥ ଓ ଲକ୍ଷ୍ମୀଦେବୀଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ଏହି ମଣ୍ଡପକୁ ବିଜେ କରନ୍ତି । ଏହିଠାରେ 'ଏକାନ୍ତ ନୀତି' ଅନୁଷ୍ଠିତ ହୁଏ । ଉକ୍ତ ଏକାନ୍ତ ନୀତି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲୌକିକ ଦାମ୍ପତ୍ୟ ଲୀଳାର ଅଂଶବିଶେଷ । କିଛି ସମୟ ଏହିଠାରେ ବିଜେ କରି ବନ୍ଦାପନା ତଥା ମଣୋହିଆଦି ନୀତି ପରେ ପୁଣି ମଦନମୋହନ ଦକ୍ଷିଣୀ ଘରକୁ ଓ ଶ୍ରୀଦେବୀ ରତ୍ନବେଦୀକୁ ବାହୁଡ଼ନ୍ତି । କୃଷ୍ଣଜନ୍ମ ନୀତି ଅବସରରେ ଏହି ମଣ୍ଡପ ତଳେ ଗୋଦୋହନ ନୀତି ହୋଇଥାଏ । ଶୀତଳଷଷ୍ଠୀ ବେଳେ ଶ୍ରୀକ୍ଷେତ୍ରର ସମସ୍ତ ପଞ୍ଚପାଣ୍ଡବ ରୂପେ ପରିଚିତ ଶିବ ଓ ପାର୍ବତୀ ବୃଷଭ ବାହନରେ ଆସି ଏହି ମଣ୍ଡପରେ ବିଜେ କରନ୍ତି । ବିବାହ ପରେ ଶିବପାର୍ବତୀଙ୍କ ପଞ୍ଚଗ୍ରାସୀ ଏହିଠାରେ ଅନୁଷ୍ଠିତ ହୁଏ ।

ଶ୍ରୀମନ୍ଦିରରେ ଗର୍ଭଗୃହ ପରେ ଲକ୍ଷ୍ମୀଙ୍କ ମନ୍ଦିର ଓ ଏହି ମଣ୍ଡପ ଯଥେଷ୍ଟ ଗୁରୁତ୍ୱ ବହନ କରେ ।

## ନୀଳାଦ୍ରି ମଣ୍ଡପ

ମଣ୍ଡପମାଳିନୀ ଶ୍ରୀକ୍ଷେତ୍ରରେ ରହିଛି ଚତୁର୍ଦ୍ଧା ମୂର୍ତ୍ତିଙ୍କ ପ୍ରତି ସମର୍ପିତ ଅନେକଗୁଡ଼ିଏ ସୁଦୃଶ୍ୟ ମଣ୍ଡପ, ଯାହା ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରାରେ ବ୍ୟବହୃତ ହୋଇଥାଏ । ସେଥିମଧ୍ୟରୁ ଶ୍ରୀବସ୍ତ୍ରଖଣ୍ଡଶାଳର ଗର୍ଭଗୃହରେ ଅବସ୍ଥିତ ନୀଳାଦ୍ରି ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି ବିରାଜମାନ କରି ଏହି ମଣ୍ଡପର ଦିବ୍ୟତା ପ୍ରତିପାଦିତ କରିଛନ୍ତି । ଏହି ଦିବ୍ୟମଣ୍ଡପ ମଧ୍ୟ ରତ୍ନବେଦୀ, ରତ୍ନମଣ୍ଡପ ତଥା ରତ୍ନସିଂହାସନ ରୂପେ ପରିଚିତ । ଶଙ୍ଖନାଭିମଣ୍ଡଳର କେନ୍ଦ୍ରରେ ପ୍ରତିଷ୍ଠିତ ଏହି ମଣ୍ଡପର ରହସ୍ୟ ଯେତିକି ଗଭୀର, ମହାତ୍ମ୍ୟ ସେତିକି ଅପାର । ମହାପ୍ରଭୁ ଏହି ଆସ୍ଥାନରେ ବର୍ଷରେ ଏଗାରମାସ ଦୁଇଦିନ ଅବସ୍ଥାନ କରି ସକଳ ସେବାପ୍ରାପ୍ତ ହେବା ସହ ଅଗଣିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି । ପ୍ରତ୍ୟୁଷରେ ମଙ୍ଗଳ ଆଳତିରୁ ଆରମ୍ଭ କରି ବିଳମ୍ବିତ ରାତିରେ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଏହିଠାରେ ସମାହିତ ହୋଇଥାଏ । ସମଗ୍ର ଶ୍ରୀମନ୍ଦିର ପରିସରକୁ ନୀଳାଦ୍ରି ବା ନୀଳକନ୍ଦର ବୋଲି ଅଭିହିତ କରାଯାଇଥିଲେ ହେଁ ଏହାର କେନ୍ଦ୍ରରେ ଥିବା ଦାରୁଦିଅଁଙ୍କ ଆସ୍ଥାନ 'ନୀଳାଦ୍ରି ମଣ୍ଡପ' ରୂପେ ଚିହ୍ନିତ ହେବା ଯୁକ୍ତିଯୁକ୍ତ । ଏହି ପରିପ୍ରେକ୍ଷୀରେ 'ମହାପୁରୁଷ ବିଦ୍ୟା'ର ନବମ ଅଧ୍ୟାୟରେ ବର୍ଣ୍ଣିତ ଯାହା ମହାପ୍ରଭୁଙ୍କ ଧ୍ୟାନମନ୍ତ୍ର ଭାବେ ସର୍ବବିଦିତ, ତାହାର ଅବତାରଣା ଯୁକ୍ତିଯୁକ୍ତ ମନେହୁଏ ।

"ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳ କମଳେ ରତ୍ନସିଂହାସନସ୍ଥଂ
ସର୍ବାଳଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନପରିବୃତଂ ବ୍ରହ୍ମଦାରୁ ଭଜେଽହମ୍ ।"

ଅର୍ଥାତ୍ ନୀଳାଦ୍ରିର ଶଙ୍ଖାକାର କ୍ଷେତ୍ର ମଧ୍ୟରେ ଶତଦଳ କମଳ ଉପରେ ପ୍ରତିଷ୍ଠିତ ରତ୍ନସିଂହାସନ ଉପରେ ବ୍ରହ୍ମା ଓ ରୁଦ୍ରାଦି ଦେବତାମାନଙ୍କ ଦ୍ୱାରା ପୂଜିତ ତଥା ସର୍ବଅଳଙ୍କାର ଧାରଣକରି, ସ୍ୱଜନବର୍ଗଙ୍କ ଦ୍ୱାରା ପରିବେଷ୍ଟିତ ବେଦମାନଙ୍କ ସାର ସ୍ୱରୂପ ବ୍ରହ୍ମଦାରୁଙ୍କ ଭଜନ କରୁଅଛି ।

ଶ୍ରୀମନ୍ଦିରର ଗର୍ଭଗୃହର ଚଟାଣ ୩୦ ଫୁଟ ବର୍ଗାକାର କ୍ଷେତ୍ରରେ ପ୍ରତିଷ୍ଠିତ । ଏହାର ପଶ୍ଚିମପାର୍ଶ୍ୱ କାନ୍ଥ ବା ବାଡ଼ରୁ ଅଢ଼େଇ ଫୁଟ ବ୍ୟବଧାନରେ ପଞ୍ଚରଥ ରୀତିରେ ନିର୍ମିତ ରତ୍ନବେଦୀ ବା ରତ୍ନ ସିଂହାସନ ଅବସ୍ଥିତ । ଉକ୍ତ ବେଦୀର ଦୈର୍ଘ୍ୟ ୧୯ ଫୁଟ, ପ୍ରସ୍ଥ ୧୩ ଫୁଟ ଓ ଉଚ୍ଚତା ୫ ଫୁଟ । ବାମ ଓ ଦକ୍ଷିଣ ପାର୍ଶ୍ୱ ବାଡ଼ ଓ ସିଂହାସନ ମଧ୍ୟରେ ଚାରିଫୁଟ ବ୍ୟବଧାନ ରହିଛି । ମୁଗୁନି ପଥରରେ ନିର୍ମିତ ରତ୍ନ ସିଂହାସନର ପୀଠରେ ରାହାପଗର ଦୁଇପାର୍ଶ୍ୱରେ ଗଜପୃଷ୍ଠରେ ଦଣ୍ଡାୟମାନ ବିଡ଼ାଳ (ଗଜସିଂହ) ମୂର୍ତ୍ତି ଶୋଭା ପାଉଛି । ରାହାପଗର ବାମ ଓ ଦକ୍ଷିଣରେ ହସ୍ତରେ ଚାମର ଧରି ସେବାରତ କେତୋଟି କ୍ଷୁଦ୍ର ମୂର୍ତ୍ତି ପରିଲକ୍ଷିତ । ଏହି ବେଦୀ ଉପରେ ପଶ୍ଚାତ୍‌ଭାଗ ବାଡ଼କୁ ଲାଗି ଚତୁର୍ଦ୍ଧା ମୂର୍ତ୍ତିଙ୍କ ସହିତ ମାଧବ, ସ୍ୱର୍ଣ୍ଣ ନିର୍ମିତ ଶ୍ରୀଦେବୀ ଓ ରୌପ୍ୟ ନିର୍ମିତ ଭୂଦେବୀ ମଧ୍ୟ ପୂଜିତ । ରତ୍ନବେଦୀ ସମ୍ମୁଖସ୍ଥ ଚଟାଣ ଉପରେ ନୈବେଦ୍ୟ ରଖି ପୂଜାପଣ୍ଡା ସେବକ ବେଦୀ ଉପରେ ବସି ମନ୍ତ୍ର ପାଠ କରି ଅର୍ପଣ କରିଥାଆନ୍ତି । ଶ୍ରୀବିଗ୍ରହମାନଙ୍କ ମସ୍ତକ ଉପରେ ଲାଗିଥିବା ସୁଦୃଶ୍ୟ ଚାନ୍ଦୁଆକୁ 'ତ୍ରିମୁଣ୍ଡି ଚାନ୍ଦୁଆ' କୁହାଯାଏ । ପୂର୍ବେ ସାହାଣମେଲା ବେଳେ ଶ୍ରଦ୍ଧାଳୁମାନେ ଗର୍ଭଗୃହକୁ ଯାଇ ବିଗ୍ରହମାନଙ୍କୁ ଦର୍ଶନ କରୁଥିଲେ ମାତ୍ର ଏବେ ସେ ସୁଯୋଗ କେବଳ ସେବକମାନଙ୍କ ପାଇଁ ରହିଅଛି ।

ପ୍ରୋକ୍ତ ରତ୍ନମଣ୍ଡପର ରହସ୍ୟ ଏହି ଯେ, ଶତଦଳ ପଦ୍ମ ଅଙ୍କିତ ଶ୍ରୀଯନ୍ତ୍ର ବା ଶ୍ରୀଚକ୍ର ଉପରେ ପ୍ରତିଷ୍ଠିତ ଏବଂ ଦାରୁ ବିଗ୍ରହଗଣ ଉପବେଶିତ ପ୍ରସ୍ତର ଚକା ବା ନଳସଦୃଶ ପିଣ୍ଡିର ନିମ୍ନରେ ଯନ୍ତ୍ରମାନ ସ୍ଥାପନ କରାଯାଇଛି । ଶ୍ରୀବଳଭଦ୍ର ତାରାଯନ୍ତ୍ର ଉପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ଯନ୍ତ୍ର ଉପରେ ତଥା ଶ୍ରୀଜଗନ୍ନାଥ କାଳିଯନ୍ତ୍ର ଉପରେ ବିରାଜମାନ କରିଛନ୍ତି । ମଣ୍ଡପର ଅଭ୍ୟନ୍ତରରେ ଶାସ୍ତ୍ରୀୟ ବିଧି ଅନୁସାରେ ବିଭିନ୍ନ ଦିଗ ଓ କୋଣମାନଙ୍କରେ ଭିନ୍ନଭିନ୍ନ ରତ୍ନପଥର ଯଥା ମଧ୍ୟଭାଗରେ ବ୍ରହ୍ମହୀରା, ଐଶାନ୍ୟ କୋଣରେ ଇନ୍ଦ୍ରନୀଳମଣି, ପୂର୍ବଭାଗରେ ହୀରା, ଦକ୍ଷିଣରେ ମୁକ୍ତା, ଉତ୍ତରରେ ମାଣିକ୍ୟ, ପଶ୍ଚିମରେ ବୈଦୁର୍ଯ୍ୟ, ଅଗ୍ନିକୋଣରେ ସ୍ଫଟିକ, ନୈଋତ କୋଣରେ ପୁଷ୍ପରାଗ, ବାୟୁକୋଣରେ ଚନ୍ଦ୍ରକାନ୍ତ ମଣି ଇତ୍ୟାଦି ଦୁର୍ମୂଲ୍ୟ ରତ୍ନମାନ ରହିଅଛି । ପୁନଶ୍ଚ 'ମୁକ୍ତି ଚିନ୍ତାମଣି' ଆଦି ଗ୍ରନ୍ଥରେ ନୀଳାଦ୍ରି ମଣ୍ଡପରେ ନିମ୍ନରେ ଏକ ଲକ୍ଷ ଜୀବନ୍ତ ଶାଳଗ୍ରାମ ରହିଥିବା ବିଶ୍ୱାସ ଏହି ଦିବ୍ୟବେଦୀର ଆଧ୍ୟାତ୍ମିକତାକୁ ପ୍ରଗାଢ଼ କରିଥାଏ । ମଣ୍ଡପର ଅଭ୍ୟନ୍ତରରେ ବିଗ୍ରହମାନେ ପୃଥକ୍ ପୃଥକ୍ ଯନ୍ତ୍ର ଉପରେ ପ୍ରତିଷ୍ଠିତ ହୋଇଥିବା ବିଷୟ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଉପାସନାରେ ତନ୍ତ୍ରଶାସ୍ତ୍ରର ସଂପୃକ୍ତି ବିଷୟକ ତତ୍ତ୍ୱକୁ ଦୃଢ଼ୀକରଣ କରିଥାଏ । ତେବେ ଭିନ୍ନଭିନ୍ନ ମନ୍ତ୍ରରେ ପୂଜିତ ବିଗ୍ରହମାନେ ଏକୀଭୂତ ହୋଇ ଏହି ନୀଳାଦ୍ରି ମଣ୍ଡପକୁ ସନାତନୀୟ ଧାରାରେ ମହିମାନ୍ୱିତ କରିଛନ୍ତି ବୋଲି ବିଶ୍ୱାସ କରାଯାଏ । ■

କୁଣ୍ଡେଇବେଣ୍ଟ ସାହି, ପୁରୀ, ମୋ: ୯୪୩୭୧୬୬୩୬୯





# ଶ୍ରୀମନ୍ଦିରରେ ମଣ୍ଡପ ବିଭବ



ଡକ୍ଟର (ଇଂ) ସଂଜୟ କୁମାର ପଣ୍ଡା

**ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ଉପାସ୍ୟ ଦେବତା ଶ୍ରୀଜଗନ୍ନାଥ ସମୟ କାଳଚକ୍ରରେ ନିଜର ବିଶାଳ ବାହୁ ବନ୍ଧନରେ ଶବର, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୌଦ୍ଧ ଓ ଜୈନ ଆଦି ସାଂସ୍କୃତିକ ସମ୍ଭାରକୁ ସମ୍ମିଳିତ କରି ନିଜର ବ୍ରହ୍ମତ୍ୱର ପ୍ରତିଷ୍ଠା ସାରା ବ୍ରହ୍ମାଣ୍ଡରେ ସାକାର କରିଛନ୍ତି । ବୈଦିକ ବ୍ରହ୍ମତତ୍ତ୍ୱ ଓ ବୈଦିକ ଦାରୁତତ୍ତ୍ୱର ଦିବ୍ୟ ସମ୍ମିଳନ ହିଁ ଶ୍ରୀପୁରୁଷୋତ୍ତମ ଅଟନ୍ତି । ବୈଦିକ ସାହିତ୍ୟରେ ଋଷି ସାଙ୍ଖ୍ୟାୟନଙ୍କୁ ଅପୌରୁଷେୟ ଦାରୁର ବର୍ଣ୍ଣନା କରିଛନ୍ତି, ଯାହାକି ଋଗ୍ ବେଦର ଦଶମ ମଣ୍ଡଳରେ ଉଲ୍ଲିଖିତ । ଉପନିଷଦଗୁଡ଼ିକରେ ବ୍ରହ୍ମଙ୍କୁ ପୁରୁଷ ରୂପେ ସୂଚୀତ କରାଯାଇଛି, ଠିକ୍ ସେହିପରି ଶ୍ରୀରାମାନୁଜଙ୍କ ମତରେ ସମସ୍ତ ଦୋଷଗୁଣ ବିବର୍ଜିତ ଓ ନିଖିଳ କଲ୍ୟାଣ ଗୁଣଯୁକ୍ତ ପୁରୁଷୋତ୍ତମ ହିଁ ବ୍ରହ୍ମ । ଶ୍ୱେତାଶ୍ୱେତ ଉପନିଷଦରେ ଯିଏ ବ୍ରହ୍ମ ସେ କ୍ଷିପ୍ର ଗତିଶୀଳ, ଯିଏ ହସ୍ତଶୂନ୍ୟ ସେ ଗ୍ରହୀତା, ଯିଏ ଚକ୍ଷୁହୀନ ସେ ଦ୍ରଷ୍ଟା ଓ ଯିଏ କର୍ଣ୍ଣହୀନ ସେ ଦକ୍ଷ ଶ୍ରୋତା । ସେ ସର୍ବପ୍ରଥମ ଓ ଆଦି ପୁରୁଷ ମହାନ୍ ଅଟନ୍ତି ।**

ରାଧୋପନିଷଦରେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ ରୂପେ ବର୍ଣ୍ଣନା କରାଯାଇଛି, ଯେଉଁଠାରେ ମଥୁରା, ଗୋକୁଳ, ଦ୍ୱାରକା, ବୈକୁଣ୍ଠପୁରୀ, ଶ୍ୱେତଦ୍ୱୀପ ପୁରୀ, ଯମପୁରୀ, ନରସିଂହ ପୁରୀ, କୁବେର ପୁରୀ, ଗଣେଶ ପୁରୀ, ଇନ୍ଦ୍ରପୁରୀ ଓ ସେହି ପୁରୀର ଅନେକ ଦେବତା ବାସ କରନ୍ତି ।

ଐତିହାସିକ ପୃଷ୍ଠଭୂମି ଆଧାରରେ ଶବର ସଂସ୍କୃତିର ନୀଳମାଧବ ହିଁ ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଶ୍ରୀରାମାନୁଜଙ୍କ ମତରେ ଜଗନ୍ନାଥ ହିଁ ବିଷ୍ଣୁ, ଶଙ୍କରାଚାର୍ଯ୍ୟଙ୍କ ମତରେ ଶିବ, ଶ୍ରୀଚୈତନ୍ୟଙ୍କ ମତରେ ଶ୍ରୀକୃଷ୍ଣ, ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ମତରେ ବୁଦ୍ଧ, ଶାକ୍ତ ମତରେ ଦକ୍ଷିଣକାଳୀ, ଶୈବ ମତରେ ଶିବ, ସୌରଗଣଙ୍କ ପାଇଁ ସୂର୍ଯ୍ୟ ରୂପୀ, ଗାଣପାତ୍ୟମାନଙ୍କ ଶ୍ରୀଗଣେଶ ଓ ଜୈନମାନଙ୍କର ଶ୍ରୀଋଷଭନାଥ ସ୍ୱରୂପୀ ହୋଇଥାନ୍ତି । ଏହି ସମସ୍ତ ସଂସ୍କୃତିର ଆଧ୍ୟାତ୍ମିକ ସିଦ୍ଧାନ୍ତ ଓ ଆବେଗିକ ପରମ୍ପରାକୁ ଚଳଚଞ୍ଚଳ କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଗଜପତିଙ୍କ ଶାସନ କାଳରେ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମୂଳ ଶ୍ରୀମନ୍ଦିରରେ ଅନେକ ମନ୍ଦିର, ପ୍ରାଚୀର, ମଣ୍ଡପ, ନୀତି, ସିଦ୍ଧାନ୍ତ ଆଦି ନୂତନ ଭାବେ ପ୍ରଚଳିତ ହେଲା । ସନାତନ ଧର୍ମର ଉପାସ୍ୟ ଶ୍ରୀପୁରୁଷୋତ୍ତମ ନିଜର ଉଦାରତାର ପ୍ରଦର୍ଶନ କରି ଭକ୍ତର ଭକ୍ତିକୁ ସର୍ବାଗ୍ରେ ରଖି ସମସ୍ତ ନୂତନତ୍ୱକୁ ନିଜର ଉପାସନା ପଦ୍ଧତିରେ ସମ୍ମିଳିତ କରି ଏକ ଭବ୍ୟ, ଦିବ୍ୟ ସଂସ୍କୃତିର ବିନ୍ୟାସ କରିଛନ୍ତି । ଶ୍ରୀମନ୍ଦିର ମଧ୍ୟସ୍ଥ, ଭିତର ବେଢ଼ା, ବାହ୍ୟ ବେଢ଼ା ଓ ଗୁଣ୍ଡିଚା ମନ୍ଦିର ଆଦିରେ ନିର୍ମିତ ଅନେକ ମଠ, ମନ୍ଦିର ଓ ବିଶେଷ କରି ମଣ୍ଡପ ଜଗନ୍ନାଥ ସଂସ୍କୃତିର ଅପୂର୍ବ ଆଧ୍ୟାତ୍ମିକ ଚେତନାକୁ ପ୍ରଶସ୍ତ କରି ଏହାର ମହନୀୟତାରେ ସମଗ୍ର ଜଗତକୁ ଆଚମ୍ବିତ କରିଛନ୍ତି କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଜଗନ୍ନାଥ ସଂସ୍କୃତିରେ ମଣ୍ଡପର ପ୍ରାଧାନ୍ୟ ସଦାସର୍ବଦା ଉଚ୍ଚାଟିତ ହୋଇଛି । ଶ୍ରୀମନ୍ଦିର ପରମ୍ପରାରେ ଥିବା ମଣ୍ଡପ ଯଥା:- ରତ୍ନ ମଣ୍ଡପ, ଭେଟ ମଣ୍ଡପ, ଚାହାଣୀ ମଣ୍ଡପ, ପ୍ରସାଦ ମଣ୍ଡପ, ବୈକୁଣ୍ଠ ମଣ୍ଡପ, ବକୁଳ ମଣ୍ଡପ, ଭୋଗ ମଣ୍ଡପ, ମୁକ୍ତି ମଣ୍ଡପ, ମାର୍ଜନା ମଣ୍ଡପ, ଜଳକ୍ରୀଡ଼ା ମଣ୍ଡପ, ନାଭିକଟା ମଣ୍ଡପ, ଦେବସଭା ମଣ୍ଡପ, ଅଚିନ୍ତା ମଣ୍ଡପ, ନାଟ ମଣ୍ଡପ, ଆଡ଼ପ (ଗୁଣ୍ଡିଚା) ମଣ୍ଡପ,ବାଲି ମଣ୍ଡପ, ଯଜ୍ଞ ମଣ୍ଡପ, ଦୋଳ ମଣ୍ଡପ, ରାହାସ ମଣ୍ଡପ, ଖର୍ହିକଟା ମଣ୍ଡପ ଆଦି ଶ୍ରୀଜଗନ୍ନାଥଙ୍କ ମାନବୀୟ ଓ ଦୈବୀ ଲୀଳାର ଭକ୍ତି ରସୋତ୍ତୀର୍ଣ୍ଣ ସିଦ୍ଧାନ୍ତର ମୂକସାକ୍ଷୀ ହୋଇଯାଇଛି । ତନ୍ମଧ୍ୟରୁ କିଛି ଏଠାରେ ଆଲୋଚନା କରାଗଲା ।



## ରତ୍ନ ମଣ୍ଡପ

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିର୍ମିତ ବଡ଼ ଦେଉଳର ବିମାନର ଗର୍ଭଗୃହରେ ରତ୍ନ ମଣ୍ଡପ ଅବସ୍ଥିତ। ଏହାକୁ ରତ୍ନ ସିଂହାସନ, ରତ୍ନ ବେଦୀ ଆଦି ନାମରେ ନାମିତ କରାଯାଇଛି, ଯାହା କି ଶ୍ରୀଯନ୍ତ୍ରରେ ସ୍ଥାପିତ। ଏହି ରତ୍ନ ବେଦୀରେ ତିନୋଟି ଆସ୍ଥାନରେ ପ୍ରଭୁ ଜଗନ୍ନାଥ, ମାତା ସୁଭଦ୍ରା ଓ ପ୍ରଭୁ ବଳଭଦ୍ର ବିରାଜମାନ କରିଥିବା ବେଳେ ପାର୍ଶ୍ୱରେ ପ୍ରଭୁ ସୁଦର୍ଶନ ଅଧିଷ୍ଠିତ ହୋଇଛନ୍ତି। ଶ୍ରୀକ୍ଷେତ୍ର ଏକ ତନ୍ତ୍ରୀୟ ପୁଣ୍ୟ ଭୂମି ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣ କାଳିକା, ଶ୍ରୀସୁଭଦ୍ରାଙ୍କୁ ଭୁବନେଶ୍ୱରୀ, ଶ୍ରୀବଳଭଦ୍ରଙ୍କୁ ତାରା ଓ ଶ୍ରୀସୁଦର୍ଶନଙ୍କୁ ଷୋଡ଼ଶୀ ତନ୍ତ୍ରରେ ଏହି ରତ୍ନବେଦୀରେ ପୂଜନ କରାଯାଏ। ପୁନଶ୍ଚ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଏକତ୍ର ଅଧିଷ୍ଠାନକୁ ମଧ୍ୟ ଏକ ଯନ୍ତ୍ର ବୋଲି 'ନୀଳ ତନ୍ତ୍ର'ରେ ବର୍ଣ୍ଣିତ ଅଛି।

ରତ୍ନ ସିଂହାସନ ଏକ ତନ୍ତ୍ରୀୟ ଓ ଯନ୍ତ୍ରୀୟ ପୀଠ ହୋଇଥିବାରୁ ଏହାର ରକ୍ଷା ନିମନ୍ତେ ଅଷ୍ଟଶକ୍ତି ଓ ଅଷ୍ଟଶମ୍ଭୁ ବିରାଜମାନ ହେବା ଜରୁରି। ଏଣୁ ରତ୍ନସିଂହାସନର ଚତୁଃପାର୍ଶ୍ୱରେ ଅଷ୍ଟଶକ୍ତି ବିରାଜମାନ ଯଥା:- ପୂର୍ବରେ ମରୀଚିକା, ପଶ୍ଚିମରେ ବିମଳା, ଉତ୍ତରରେ ଊର୍ଦ୍ଧ୍ୱଶୋଷିଣୀ, ଦକ୍ଷିଣରେ କାଳରାତ୍ରୀ, ଆଗ୍ନେୟ କୋଣରେ ମଙ୍ଗଳା, ବାୟବ୍ୟ କୋଣରେ ସର୍ବମଙ୍ଗଳା, ଐଶାନ୍ୟ କୋଣରେ ଆଲମଚଣ୍ଡୀ ଓ ନୈଋତ କୋଣରେ ଚଣ୍ଡ ରୂପା। ଯାହା କି 'ନୀଳାଦ୍ରି ମହୋଦୟ'- ୧ମ ଭାଗ, ୪-୯୪-୯୮, ମହାଦେବ ଦାସ (୧୮୯୪) ପୃଷ୍ଠା ୨୫ରେ ଉଲ୍ଲିଖିତ।

ଶ୍ରୀମନ୍ଦିରର ସତ୍ତ୍ୱଲିପି ଅନୁସାରେ ପ୍ଲଟ ନଂ -୧ରେ ରତ୍ନସିଂହାସନ ଅବସ୍ଥିତ। ଯାହାର ଲମ୍ବ ଷଷ୍ଠାଦଶ ଫୁଟ, ପ୍ରସ୍ଥ ତ୍ରୟୋଦଶ ଫୁଟ ଓ ଉଚ୍ଚତା ଚାରି ଫୁଟ ବିଶିଷ୍ଟ ଅଟେ। ଏଠାରେ ବିରାଜିତ ପ୍ରଭୁ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ଶ୍ରୀଦେବୀ, ଶ୍ରୀସୁଦର୍ଶନ ଓ ମାଧବ ପୂଜିତ ହେଉଥିବା ସ୍ଥଳେ ଦକ୍ଷିଣ ପାର୍ଶ୍ୱରେ ଶ୍ରୀବଳଭଦ୍ରଙ୍କ ନିକଟରେ ଭୂଦେବୀ ପୂଜିତ।


ଏହି ରତ୍ନ ସିଂହାସନ କଳା ମୁଗୁନି ପଥରରେ ନିର୍ମିତ। ଶ୍ରୀମନ୍ଦିରର ଗର୍ଭଗୃହ ବା ଭିତର ପୋଖରିଆରେ ଅବସ୍ଥିତ ଏହି ରତ୍ନ ମଣ୍ଡପରେ ଏକ ଲକ୍ଷ ଶାଳଗ୍ରାମ ଥିବାବେଳେ ଏହାର ସମ୍ମୁଖ ତିନି ପାର୍ଶ୍ୱରେ ଅନେକ କାରୁକାର୍ଯ୍ୟପୂର୍ଣ୍ଣ ଦେବତା, ଋଷି ଓ ଭକ୍ତମାନଙ୍କ ମୂର୍ତ୍ତି ଖୋଦିତ ହୋଇଛି। ରତ୍ନ ସିଂହାସନକୁ ବୈଷ୍ଣବ ମତରେ ନିତ୍ୟ ରାସସ୍ଥଳୀ, ନିତ୍ୟ ଗୋଲକ ଧାମ ରୂପେ ବର୍ଣ୍ଣନା କରାଯାଏ।

ରତ୍ନସିଂହାସନରେ ପ୍ରଥମତଃ ଯେବେ ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କୁ ପ୍ରତିଷ୍ଠା କଲେ, ସେହି ସମୟରେ ରୁଦ୍ର ରୂପୀ ନୃସିଂହ ଆବିର୍ଭୂତ ହେଲେ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ଇନ୍ଦ୍ରଦ୍ୟୁମ୍ନ ନୃସିଂହ ମହାମନ୍ତ୍ରରେ ପୂଜନ କରିବାରୁ ବିଷ୍ଣୁଙ୍କ ଅବତାରୀ ନୃସିଂହ ଦେବତା ଶାନ୍ତ ଓ କଲ୍ୟାଣକାରୀ ହୋଇ ରତ୍ନସିଂହାସନ ଅଧିଷ୍ଠିତ ହେଲେ। ଏଣୁ ପ୍ରତ୍ୟେକ ରଥଯାତ୍ରା ଓ ନବ କଳେବର ପୂର୍ବରୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କୁ ନୃସିଂହ ମହାମନ୍ତ୍ରରେ ଅଭିମନ୍ତ୍ରିତ କରାଯାଇ ବିଧି ଅଗ୍ରସିତ କରାଯାଏ।

## ଦୋଳ ମଣ୍ଡପ

ଜଗନ୍ନାଥ ସଂସ୍କୃତି ସହ ବୈଷ୍ଣବ ସଂସ୍କୃତିର ଅପୂର୍ବ ମିଳନ ଗାଥା ଶ୍ରୀମନ୍ଦିରରେ ଉପସ୍ଥିତ ଚଳନ୍ତି ପ୍ରତିମା ମାଧବ, ଶ୍ରୀଦେବୀ, ଭୂଦେବୀଙ୍କ ବିଭିନ୍ନ ଯାତ୍ରାରୁ ସ୍ପଷ୍ଟ ଅନୁମିତ। ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ନାଭି ଦାରୁବ୍ରହ୍ମ ରୂପେ ମହୋଦଧିରୁ ଉଦ୍ଧରିତ ହୋଇଥିବାରୁ ଜଗନ୍ନାଥ ଯେ ଶ୍ରୀକୃଷ୍ଣ ଏହା ସ୍ୱୀକାର୍ଯ୍ୟ। ଏଣୁ ବୈଷ୍ଣବ ପରମ୍ପରା ଅନୁଯାୟୀ ଦୋଳ ପୂର୍ଣ୍ଣିମା ସମୟର ଦୋଳଯାତ୍ରା ଶ୍ରୀମନ୍ଦିରରେ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ମହାସମାରୋହରେ ପାଳିତ ହୁଏ। ପ୍ରାଚୀନ କାଳରେ ଶ୍ରୀମନ୍ଦିରର ଆଗ୍ନେୟ କୋଣରେ ଅବସ୍ଥିତ ଦୋଳ ମଣ୍ଡପ ବା ଦୋଳ ବେଦୀରେ ସ୍ୱୟଂ ଜଗନ୍ନାଥଙ୍କ ଝୁଲଣ ଯାତ୍ରା ଓ ଫଗୁ ଖେଳ ଅନୁଷ୍ଠିତ ହେଉଥିଲା। ଏହି ମଣ୍ଡପର ପାର୍ଶ୍ୱସ୍ଥ ସାହିକୁ ଦୋଳମଣ୍ଡପ ସାହି କୁହାଯାଏ। ଏକଦା ସ୍ୱୟଂ ବଡ଼ ଠାକୁର ଦୋଳି କ୍ରୀଡ଼ା କରୁଥିବା ବେଳେ ଦୋଳି ଛିଣ୍ଡି ଯିବାରୁ ଜଗନ୍ନାଥଙ୍କ ଏକ ବାହୁ ଭଗ୍ନ ହେଲା। ଏହା ପରଠାରୁ ଦୋଳ ଯାତ୍ରାରେ ବଡ଼ ଠାକୁରଙ୍କ ଚଳନ୍ତି ପ୍ରତିମା ଶ୍ରୀମାଧବ, ଭୂଦେବୀ, ଶ୍ରୀଦେବୀଙ୍କ ଆଗମନ ହେଲା। ପରବର୍ତ୍ତୀ କାଳରେ ଏହି ମଣ୍ଡପ ଜରାଜୀର୍ଣ୍ଣ ହେବାରୁ ତତ୍କାଳିକ ରାଜା ବୀର କେଶରୀ ଦେବଙ୍କ ଦ୍ୱାରା ମେଘନାଦ ପ୍ରାଚୀରର ବାହ୍ୟ ପାର୍ଶ୍ୱରେ ଐଶାନ୍ୟ କୋଣରେ ନିର୍ମାଣ କରାଇଥିଲେ ଯାହାକୁ ଦୋଳବେଦୀ କୁହାଗଲା। ଏହି ବେଦୀର ଚତୁଃପାର୍ଶ୍ୱରେ ଅନ୍ୟୂନ୍ୟ ୫୫ ଗୋଟି ମୁଗୁନି ପଥର ମୂର୍ତ୍ତି ଶୋଭିତ ହେଉଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁଁ ବର୍ତ୍ତମାନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ପ୍ରସ୍ତର ପ୍ରଦକ୍ଷିଣ ମାର୍ଗ ନିର୍ମିତ ହେବାରୁ ଏହି ଦୋଳବେଦୀଙ୍କୁ ଭଗ୍ନ ହେବାକୁ ପଡ଼ିଲା। ବର୍ତ୍ତମାନ ସେହି ସ୍ଥାନରେ ହିଁ ନାଲି ରଙ୍ଗର ଖଣ୍ଡ ଲାଇଟ୍ ପଥରରେ ସୁରମ୍ୟ ସୁଉଚ୍ଚ ଦୋଳବେଦୀ ନିର୍ମିତ ହୋଇ ସମସ୍ତ ପୂର୍ବ ସ୍ଥାପିତ ଦେବଦେବୀଙ୍କୁ ପୁନଃ ସ୍ଥାପିତ କରାଯାଇଛି।

ଫାଲଗୁନ ମାସ ଶୁକ୍ଳ ଦଶମୀଠାରୁ ଆଳତି ଆରମ୍ଭ ହୋଇ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏଠାରେ ଦୋଳ ଯାତ୍ରା ଅନୁଷ୍ଠିତ ହୁଏ। ପ୍ରତିଦିନ ସନ୍ଧ୍ୟା ଧୂପ ପରେ ଏହି ଯାତ୍ରା ଆରମ୍ଭ ହୁଏ। ଶ୍ରୀମନ୍ଦିରର ପରମ୍ପରା ନୀତି ଅନୁଯାୟୀ ପାଞ୍ଚ ପାଣ୍ଡବ ଯଥା- ଲୋକନାଥ, ମାର୍କଣ୍ଡେଶ୍ୱର, ନୀଳକଣ୍ଠ, କପାଳମୋଚନ ଓ ଯମେଶ୍ୱର ବଡ଼ ଦେଉଳ ସାମ୍ନାରେ ବିରାଜନ୍ତି। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ବିମାନରେ ବିରାଜିତ ହୋଇ ନୃତ୍ୟ, ଗୀତ, ଚାମର, ଆଲଟ ସହ ବଡ଼ ଦାଣ୍ଡ ଦେଇ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଗମନ କରି ପୁନଶ୍ଚ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରନ୍ତି।



ଦୋଳ ବେଦୀର ସଜ୍ଜିତ ସ୍ୱରୂପରେ ଗଜଦନ୍ତର ଦୋଳିରେ ଶ୍ରୀମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ବିମାନରେ ପ୍ରାତଃକାଳରେ ଆସି ଫଗୁ ରଙ୍ଗ ଖେଳନ୍ତି। ସନ୍ଧ୍ୟା ସମୟରେ ପ୍ରଭୁ ପୁନଶ୍ଚ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରନ୍ତି। ଏହି ସମୟରେ ଠାକୁରଙ୍କ ଭୋଗରେ କଷି ଆମ୍ବ, ପଳାଶ ପୁଷ୍ପ, ଶାକର ପଟି, ଉଖୁଡ଼ା ଭୋଗ ପ୍ରଦାନ କରାଯାଏ। ବହୁ ପୂର୍ବରୁ ମନ୍ଦିର ବାହାର ବେଢ଼ା ଭିତରେ , ବଡ଼ ଦେଉଳରେ ଦୋଳ ଉତ୍ସବ ପାଳିତ ହେଉଥିଲା। ବର୍ତ୍ତମାନ ଦୋଳ ବେଦୀରେ ଦୋଳୋତ୍ସବ ପାଳିତ ହେଉଛି। ସେହିପରି ସନ୍ଧ୍ୟା ସମୟରେ ବାଦି ପାଲା ଆଦି ଆଧ୍ୟାତ୍ମିକ,ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଦେବ ସଭା ମଣ୍ଡପ

ଜଗନ୍ନାଥ ସଂସ୍କୃତିର ପାରମ୍ପରିକ ଜନଶ୍ରୁତି ଅନୁଯାୟୀ, ତେତିଶ କୋଟି ଦେବଦେବୀ ନିଶାର୍ଦ୍ଧରେ ଶ୍ରୀମନ୍ଦିରରେ ପଦାର୍ପଣ କରି ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଦେବସଭା ମଣ୍ଡପରେ ବିରାଜମାନ କରି ସଭାରେ ଭାଗ ନିଅନ୍ତି। ଏହି ପବିତ୍ର ଦେବସଭା ମଣ୍ଡପଟି ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁଯାୟୀ ପ୍ଲଟ୍ ନଂ-୩୦ରେ ଅବସ୍ଥିତ। ଏହି ମଣ୍ଡପଟି ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଏକ ବିରାଟ ମୁକ୍ତାକାଶ ଖୋଲା ସ୍ଥାନରେ ଅବସ୍ଥିତ ଯାହାକି ନାଭିକଟା ମଣ୍ଡପର ପଶ୍ଚିମଭାଗରେ ବିରାଜମାନ। ଏହି ମଣ୍ଡପଟି ନିଶା ମନ୍ଦିରକୁ ସଂଯୋଜିତ ହୋଇ ରହିଛି। ଜନଶ୍ରୁତି ଅନୁଯାୟୀ, ଏହି ମଣ୍ଡପରେ ପୂର୍ବରୁ ଦୋଳଯାତ୍ରା ଅନୁଷ୍ଠିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

## ମଣି ମଣ୍ଡପ

ଏହି ମଣି ମଣ୍ଡପର ଅଧୁନା ସ୍ଥିତିର ଅଜ୍ଞତା ହେତୁ ଗବେଷଣା ସାପେକ୍ଷ। କିନ୍ତୁ ଜନଶ୍ରୁତି ଅନୁସାରେ ବିଶିଷ୍ଟ କବି ଡିଣ୍ଡିମ ଜୀବ ଦେବାଚାର୍ଯ୍ୟଙ୍କ 'ଉତ୍ସାହବତୀ ରୂପକମ୍' ନାଟକ ଏହି ମଣି ମଣ୍ଡପରେ ଅଭିନୀତ ହୋଇଥିଲା।

## ନିର୍ମାଲ୍ୟ ମଣ୍ଡପ

ଗଜପତି ବୀର କେଶରୀ ଦେବଙ୍କ ରାଜତ୍ୱ କାଳରେ ନବୀକରଣ ହୋଇଥିବା ଏହି ସାତ ଫୁଟ୍ ଉଚ୍ଚତା ବିଶିଷ୍ଟ ବର୍ଗାକାର ମୁକ୍ତାକାଶ ମଣ୍ଡପ କୋଇଲି ବୈକୁଣ୍ଠ ଭିତରେ ନୀଳାଚଳ ଉପବନ ପରିବେଶରେ ଅବସ୍ଥିତ। ଏହି ମଣ୍ଡପ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏଠାରେ ମହାପ୍ରସାଦ ଅବଢ଼ା ଭୋଗକୁ ଶୁଖାଇ ନିର୍ମାଲ୍ୟ କରାଯାଇଥାଏ। ଏଣୁ ଏହାର ନାମ 'ନିର୍ମାଲ୍ୟ ମଣ୍ଡପ' ରହିଛି।

## ଅଚିନ୍ତା ମଣ୍ଡପ

ଶ୍ରୀମନ୍ଦିରର ଭିତର ବେଢ଼ାର ଉତ୍ତର ଦିଗରେ ଅଚିନ୍ତା ମଣ୍ଡପ ଅବସ୍ଥିତ। ପୂର୍ବରୁ ସାତପୁରୀ ତାଡ଼ ଓ ମକର ତାଡ଼କୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କଲା ପରେ ଏଠାରେ ରଖାଯାଉଥିଲା। ବର୍ତ୍ତମାନ ଏହି ମଣ୍ଡପରେ ପ୍ରତିହାରୀ ନିଯୋଗ କାର୍ଯ୍ୟାଳୟ ରହିଛି, ଯାହାକି ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଅଟେ।

## ରାହାସ ମଣ୍ଡପ

ଏହି ପବିତ୍ର ମଣ୍ଡପ ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ବଟଗଣେଶ ମନ୍ଦିରର ପାର୍ଶ୍ୱବର୍ତ୍ତୀ କଳ୍ପବଟ ବୃକ୍ଷ ମୂଳେ ଅବସ୍ଥିତ। ଏହି ମଣ୍ଡପରେ ଅତିବଡ଼ୀ ଜଗନ୍ନାଥ ଦାସ ଉପସ୍ଥିତ ରହି, ସଂସ୍କୃତରେ ରଚିତ ମୂଳ ଭାଗବତକୁ ସୁମଧୁର କଣ୍ଠରେ ଗାୟନ ଓ ବ୍ୟାଖ୍ୟା କରୁଥିଲେ। ଯାହାର ବର୍ଣ୍ଣନା ଶ୍ରୀଜଗନ୍ନାଥ ଚରିତାମୃତ, ବୈଷ୍ଣବ ଲୀଳାମୃତ ଆଦି ଗ୍ରନ୍ଥରୁ ପ୍ରାପ୍ୟ। ଏହି ମଣ୍ଡପ ଷଷ୍ଠାଦଶ ଶତାବ୍ଦୀ ସମୟରେ ଅତ୍ୟନ୍ତ ସୁପ୍ରସିଦ୍ଧ ଥିଲା। ଏହି ମଣ୍ଡପକୁ କହ୍ନେଇ ଖୁଣ୍ଟିଆ ନାମକ ଜଣେ ସେବାୟତଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିବା ଜ୍ଞାତ ହୁଏ। ପୁନଶ୍ଚ ଗୁଣ୍ଡିଚା ଦ୍ୱାରର ଜୟବିଜୟ ଦ୍ୱାରର ବାମପାର୍ଶ୍ୱରେ ଏକ କ୍ଷୁଦ୍ର ରାହାସ ମଣ୍ଡପ ରହିଛି। ଯେଉଁଠାରେ ସାନ୍ଧ୍ୟ ଆଳତି ପରେ ମଦନମୋହନଙ୍କୁ ବିରାଜମାନ କରାଇ କେତେକ ନୀତିକାନ୍ତି ପାଳନ କରାଯାଏ।

## ପ୍ରସାଦ ମଣ୍ଡପ

ନାଟ୍ୟ ମଣ୍ଡପର ପୂର୍ବ ଦିଗରେ ଭୋଗ ମଣ୍ଡପ ଥିବାବେଳେ ଆନନ୍ଦବଜାର ପରିସର ମଧ୍ୟରେ ସ୍ନାନ ମଣ୍ଡପର ପଛପାର୍ଶ୍ୱ ଅର୍ଥାତ୍ ପଶ୍ଚିମ ଦିଗରେ ପ୍ରସାଦ ମଣ୍ଡପ ରହିଥିଲା। ଏହି ମଣ୍ଡପରେ ମହାପ୍ରସାଦ ବିକ୍ରି ଓ ସେବନ ହେଉଥିଲା। ଏହା ପାର୍ଶ୍ୱରେ ରାଜାଙ୍କର ଖଇ ଭୋଗ ବିକ୍ରୟ ହେଉଥିଲା। ପ୍ରସାଦ ମଣ୍ଡପର ମରାମତି କାର୍ଯ୍ୟ ତତ୍କାଳୀନ ପ୍ରଶାସକ ଶ୍ରୀ ପରମାନନ୍ଦ ତ୍ରିପାଠୀଙ୍କ ଦ୍ୱାରା ଖ୍ରୀ ୧୯୭୮ ରେ ସମ୍ପାଦିତ ହୋଇଥିବାବେଳେ ବର୍ତ୍ତମାନ ଏହି ମଣ୍ଡପକୁ ଭଗ୍ନ କରାଯାଇ ଏକ ବଡ଼ ଆନନ୍ଦବଜାର ନିର୍ମାଣ କରାଯାଇଛି। ଯାହାର ଆର୍ଥିକ ସହାୟତା ନାଲ୍କୋ କରିଥିଲା।

## ଖର୍ହିକଟା ମଣ୍ଡପ

ମାଦଳାପାଞ୍ଜିରେ ବର୍ଣ୍ଣିତ ଖର୍ହିକଟା ମଣ୍ଡପ ତତ୍କାଳୀନ ଭୋଇବଂଶ ରାଜା ଦିବ୍ୟ ସିଂହଦେବଙ୍କ ଦ୍ୱାରା ସପ୍ତଦଶ ଶତାବ୍ଦୀରେ ନିର୍ମିତ ହେବା ଜ୍ଞାତ ହୁଏ। କିନ୍ତୁ ଏହାର ଅବସ୍ଥିତି ରହସ୍ୟାବୃତ୍ତ ରହିଛି। ଯାହାର ଗବେଷଣା ଏହି ତଥ୍ୟ ପ୍ରତି ଅନେକ ଆଲୋକ ଆଶା କରେ।

ଜଗନ୍ନାଥ ସଂସ୍କୃତିରେ ଅନେକ ଧର୍ମ ଯଥା:- ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୌଦ୍ଧ, ଜୈନ ଓ ଶାବର ସଂସ୍କୃତି ଆଦିର ସମାହାର ହେବା ଅତ୍ୟନ୍ତ ଗୌରବର ପ୍ରସଙ୍ଗ, ଯାହାକି ଜଗନ୍ନାଥ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରୁଛି। ଜଗନ୍ନାଥ ସଂସ୍କୃତିରେ ଜଗନ୍ନାଥଙ୍କ ବାର ମାସ, ତେର ପର୍ବର ସାଂସ୍କୃତିକ ବିଭବରେ ମଣ୍ଡପମାନଙ୍କ ଅବଦାନ ଯଥେଷ୍ଟ ରହିଛି। ଏହି ମଣ୍ଡପର ଆଧ୍ୟାତ୍ମିକ ଓ ଐତିହାସିକ ପରମ୍ପରା ଜଗନ୍ନାଥ ସଂସ୍କୃତିର ବିଶାଳତାକୁ ନିଦର୍ଶିତ କରିବା ସହିତ ହିନ୍ଦୁଧର୍ମୀୟ ଭଗବତ୍ ବିଶ୍ୱାସକୁ ଜାଗ୍ରତ କରୁଛି ନିଶ୍ଚୟ। ■

ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ମୋ: ୯୪୩୭୦୭ ୯୦୯ ୯



ଲୀଳାବିଧୃତ କଳେବର କୋଟି ଓଡ଼ିଆଙ୍କ ମଉଡ଼ମଣି ନୀଳାଦ୍ରିନାଥ ଶ୍ରୀଜଗନ୍ନାଥଙ୍କ ନୀଳାଚଳ ଧାମରେ ବାର ମାସରେ ତେର ଯାତ୍ରା, ଉପଯାତ୍ରା ଉତ୍ସବ ମହୋତ୍ସବ ଓ ବିଭିନ୍ନ ପର୍ବପର୍ବାଣି ଅନୁଷ୍ଠିତ ହୁଏ । ଏହି ସବୁ ଯାନିଯାତ୍ରରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପ୍ରତ୍ୟକ୍ଷ ଭାବରେ ବା ତାଙ୍କ ଚଳନ୍ତି ପ୍ରତିମାମାନେ ଯଥା- ଶ୍ରୀମଦନମୋହନ, ଦୋଳଗୋବିନ୍ଦ ପ୍ରଭୃତି ବିଶେଷ ପର୍ବରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପ୍ରାପ୍ତ ପୂର୍ବକ ଅଂଶଗ୍ରହଣ କରନ୍ତି । ଏମାନେ ବିଭିନ୍ନ ମଣ୍ଡପରେ ବିରାଜିତ ହୋଇ ପୂଜିତ ହେବାର ବିଧିବିଧାନ ଅନନ୍ୟ ଅଟେ ।

# ମଣ୍ଡପମାଳିନୀ ଶ୍ରୀମନ୍ଦିର



ପ୍ରାଧ୍ୟାପିକା ବାସନ୍ତୀ ଦେବୀ

ବୈଦିକ ଯୁଗରୁ ଅଦ୍ୟାବଧି ବିଗ୍ରହମାନଙ୍କର ଉପାସନାରେ ବିବିଧ ଯଜ୍ଞକୁଣ୍ଡ ବେଦୀ, ମଣ୍ଡପ, ପିଣ୍ଡି ପ୍ରଭୃତିଙ୍କର ପ୍ରବର୍ତ୍ତନ ହୋଇଅଛି । ଶ୍ରୀମନ୍ଦିର ମଧ୍ୟରେ ଅନେକ ମଣ୍ଡପ ଅଛି ପ୍ରାୟ ଷୋହଳରୁ ଅଧିକ । ସେମାନଙ୍କ ମଧ୍ୟରୁ ପ୍ରସ୍ତୁତ ପ୍ରବନ୍ଧରେ କେବଳ ତିନିଗୋଟି ମଣ୍ଡପ ଯଥା ଚାହାଣି ମଣ୍ଡପ, ମାଜଣା ମଣ୍ଡପ ଏବଂ ବୈକୁଣ୍ଠ ମଣ୍ଡପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଉଅଛି । ଏହି ମଣ୍ଡପଗୁଡ଼ିକ ବିଭିନ୍ନ ସମୟରେ ନିର୍ମାଣ ପୂର୍ବକ ମହାପ୍ରଭୁଙ୍କ ଯାନିଯାତ୍ରା, ବିଶେଷ ନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଅଛନ୍ତି ।



## ଚାହାଣି ମଣ୍ଡପ

ଶ୍ରୀମନ୍ଦିରର ପ୍ରତିଟି ପଥର, ପ୍ରତିଟି ମଣ୍ଡପ ଓ ସ୍ଥାପତ୍ୟରେ ଗୋଟିଏ ଇତିହାସ, ଲୋକକଥା, କିମ୍ବଦନ୍ତୀ ଯୋଡ଼ା ଯାଇଅଛି । ଶ୍ରୀମନ୍ଦିର ବେଢ଼ା ଭିତରେ ଦୁଇଗୋଟି ଚାହାଣି ମଣ୍ଡପ ଅଛି । ଶ୍ରୀମନ୍ଦିର ପୂର୍ବଭାଗ ଅଞ୍ଚଳରୁ ଏହି ଦୁଇଟି ଯାକ ମଣ୍ଡପକୁ ଦେଖିହେବ । ସିଂହଦ୍ୱାର ଡେଇଁ ମନ୍ଦିର ଭିତରକୁ ପ୍ରବେଶ ପଥର ଡାହାଣ ପଟେ ଅର୍ଥାତ୍ ଆନନ୍ଦ ବଜାର ପଟେ ଗୋଟିଏ ଏବଂ ବାମପଟେ ରୋଷଘର ଆଡ଼କୁ ଗଲାବେଳକୁ ଆଉ ଗୋଟିଏ ଚାହାଣି ମଣ୍ଡପ ରହିଅଛି । ଚାହାଣି ଶବ୍ଦରୁ ଜଣାପଡୁଅଛି ଯେ ଚାହିଁବା ବା ଦେଖିବା । ଅର୍ଥାତ୍ ଶ୍ରୀମନ୍ଦିରର ବିଶେଷ ରୀତିନୀତି ବା ଉତ୍ସବାଦି ଦେଖିବା ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ସ୍ଥାନ ହେଉଛି ଚାହାଣି ମଣ୍ଡପ ।

ରୋଷଘର ଆଡ଼କୁ ଥିବା ଚାହାଣି ମଣ୍ଡପରେ ଛିଡ଼ା ହୋଇ ବାଇଶି ପାବଚ୍ଛରେ ଘଟୁଥିବା ମହାପ୍ରଭୁଙ୍କର ଦିବ୍ୟଲୀଳା ଏବଂ ମାନବୀୟ ଲୀଳା ପ୍ରଭୃତି ଯଥା ରଥଯାତ୍ରା ସମୟର ପହଣ୍ଡି ଦୃଶ୍ୟ ଦେଖି ହୁଏ । ବାଇଶି ପାହାଚରେ ମହାପ୍ରଭୁଙ୍କର ଏହି ଲୀଳା ଦେଖିବା ପାଇଁ ସ୍ୱର୍ଗଲୋକରୁ ଦେବତାମାନେ ଆସି ଏହି ମଣ୍ଡପରେ ଅପେକ୍ଷା କରିଥାନ୍ତି ବୋଲି ବିଶ୍ୱାସ ରହିଅଛି ।

ସିଂହଦ୍ୱାରର ଅନତି ଦୂରରେ ମେଘନାଦ ପାଚେରୀକୁ ଲାଗି ଛାଉଣୀ ମଠ ପାଖରେ ଆନନ୍ଦ ବଜାରସ୍ଥିତ ସ୍ଥାନ ମଣ୍ଡପରେ ଦକ୍ଷିଣ ପାର୍ଶ୍ୱରେ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ପ୍ଲଟ୍ ନଂ ୧୪୯ ଉପରେ ପ୍ରଧାନ ଚାହାଣି ମଣ୍ଡପଟି ଅବସ୍ଥିତ । ମାଦଳାପାଞ୍ଜି ହିସାବ ଅନୁସାରେ ଆଜକୁ ପ୍ରାୟ ଖ୍ରୀ.ପୂ ୩୦୦ ବର୍ଷ ପୂର୍ବରୁ ଅଧିକ ହେବ ଏହି ମଣ୍ଡପର ନିର୍ମାଣ ସମୟ ଅର୍ଥାତ୍ ମରାଠାମାନଙ୍କ ରାଜତ୍ୱ ଏବଂ ଦିବ୍ୟଶଙ୍କର ଦେବ ରାଜାଙ୍କ ଶାସନ ସମୟରେ ଅର୍ଥାତ୍ ଖ୍ରୀ.୧୬୯୨ରୁ ୧୭୧୫ ମସିହା ଭିତରେ ସପ୍ତଦଶ ଶତାବ୍ଦୀରେ ଖୋଜା ବେଣୁ ଛୋଟରାୟ ଏହି ମଣ୍ଡପକୁ ନିର୍ମାଣ କରିଥିଲେ । ମୋଟ ୧୨ ଗୋଟି ଖମ୍ବ ଉପରେ ୭ ଫୁଟ ଉଚ୍ଚତା ବିଶିଷ୍ଟ ପୀଢ଼ ଶୈଳୀ ଛାତ ନିର୍ମିତ ଏହି ମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ୧୨ ଫୁଟ ଶାଳ-ପିଆଶାଳ କାଠର କଡ଼ି ବରଗା ଖମ୍ବ ଉପରେ ଚତୁଃଷ୍କୋଣୀ ଭାବରେ ମଣ୍ଡପଟି ନିର୍ମିତ । ରଥଯାତ୍ରା ସମୟରେ ବାହୁଡ଼ା ଦଶମୀ ତିଥିରେ ଶ୍ରୀଜଗନ୍ନାଥଙ୍କ ରଥ ମାଉସୀ ମା' ଦେଉଳ ସମ୍ମୁଖରେ ଛେନା ପୋଡ଼ପିଠା ଭୋଗ ଲାଗି ହୋଇ ଗଜପତି ମହାରାଜାଙ୍କ ଶ୍ରୀନଅର ପାଖରେ ରହେ । ଏହି ସମୟରେ ଲକ୍ଷ୍ମୀ ଠାକୁରାଣୀ ଭଣ୍ଡାରଘରୁ ପାଟପିନ୍ଧି ମାଳ ଫୁଲ ବେଶ ହୋଇ ମହାଜନ ସେବକଙ୍କ ହାତରେ ବିଜେ ହୋଇ ସାତ ପାହାଚ ଦୁଆରରେ ଥିବା ପାଲିଙ୍କିରେ ବିଜେ କରନ୍ତି । ବିମାନ ବଡୁମାନେ ବିମାନ ନେଇ ଚାହାଣି ମଣ୍ଡପରେ ଠିଆ କରାନ୍ତି । ସେଠାରେ ମା' ଲକ୍ଷ୍ମୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚାହାନ୍ତି । ମା' ଲକ୍ଷ୍ମୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚାହୁଁଥିବାରୁ ଏହି ମଣ୍ଡପଟି ନାମ ଚାହାଣି ମଣ୍ଡପ ହୋଇଅଛି । ଏହାପରେ ବିମାନବଡୁ ସେବକମାନେ ବିମାନ ନେଇ ଘଣ୍ଟ, ଛତା ଓ କାହାଳି ସହ ଶ୍ରୀଜଗନ୍ନାଥଙ୍କ ରଥ ପାଖକୁ ଯାଆନ୍ତି । ସେଠାରେ ଲକ୍ଷ୍ମୀଙ୍କୁ ଦହିପଟି ମଣୋହି ହୁଏ, ମଣୋହି ପରେ ବିମାନରେ ବସି ଠାକୁରାଣୀ ଶ୍ରୀଜଗନ୍ନଥଙ୍କ ରଥ ଚାରିପାଖରେ ବେଢ଼ାଏ ବୁଲନ୍ତି । ଗଜପତି ମହାରାଜା ଶ୍ରୀଲକ୍ଷ୍ମୀନାରାୟଣଙ୍କୁ ଭେଟ କରାନ୍ତି । ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମା' ଲକ୍ଷ୍ମୀ ମନ୍ଦିରକୁ ବିଜେ କରନ୍ତି । ଏହି ଚାହାଣି ମଣ୍ଡପରେ ରଥଯାତ୍ରା ଦିନ ରଥ ପ୍ରତିଷ୍ଠା କର୍ମ ହୋଇଥାଏ । ଭାଦ୍ରବ ମାସ ଦ୍ୱାଦଶୀ ଦିନ ଇନ୍ଦ୍ରଧ୍ୱଜ ପୂଜା କର୍ମ ମଧ୍ୟ ସମ୍ପାଦିତ ହୋଇଥାଏ ।



# ମାଜଣା ମଣ୍ଡପ

ଶ୍ରୀମନ୍ଦିର ଭିତରେ ପ୍ରତ୍ୟେକ ଦେବଦେବୀଙ୍କ ପାଇଁ ସ୍ୱତନ୍ତ୍ର ମଣ୍ଡପ ରହିଅଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତ୍ନୀ ହୋଇଥିବାରୁ ମନ୍ଦିର ଭିତରେ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ଗୁରୁତ୍ୱ ଅନେକ ରହିଅଛି । ଲକ୍ଷ୍ମୀ ଠାକୁରାଣୀ ହେଉଛନ୍ତି ଧନ ଏବଂ ସମସ୍ତ ପ୍ରକାର ଐଶ୍ୱର୍ଯ୍ୟର ଅଧିକାରିଣୀ । ପୁରାଣ ଶାସ୍ତ୍ର ପ୍ରଦର୍ଶିତ ସଂସ୍କୃତିକୁ ଆମେ ପାଳନ କରୁଥିବାରୁ ଦେବଦେବୀଙ୍କ ପୂଜା ନୀତି ସଂସ୍କୃତିକୁ ଆପଣେଇ ନେଇଛୁ । ସଂସ୍କୃତ ‘ମାର୍ଜନ’ ଶବ୍ଦ ଗାଧୋଇବା ବେଳେ ବିଭିନ୍ନ ଉପଚାର ମାଧ୍ୟମରେ ଦେହକୁ ଘସିଘାସି ସଫା କରିବା ଅର୍ଥରେ ଆସିଅଛି । ଶ୍ରୀମନ୍ଦିରରେ କେବଳ ଲକ୍ଷ୍ମୀ ଠାକୁରାଣୀ ପାଇଁ ଏହି ରୀତିନୀତି ପଦ୍ଧତି ସ୍ୱତନ୍ତ୍ର ଭାବରେ ସ୍ୱତନ୍ତ୍ର ମଣ୍ଡପରେ ଅନୁଷ୍ଠିତ ହେଉଥିବାରୁ ଏହି ମଣ୍ଡପକୁ ମାଜଣା ମଣ୍ଡପ କୁହାଯାଏ । ଶ୍ରୀମନ୍ଦିର ବେଢ଼ାସ୍ଥ ବେହେରଣ ଦ୍ୱାର ଡାହାଣ ପାର୍ଶ୍ୱରେ ଏବଂ ମୁକ୍ତି ମଣ୍ଡପର ଉତ୍ତର ଦିଗରେ ଥିବା ଉକ୍ତ ମଣ୍ଡପଟି ଲକ୍ଷ୍ମୀଙ୍କର ସ୍ନାନ ନୀତି ପାଇଁ ଉଦ୍ଦିଷ୍ଟ, ଅନ୍ୟ ଦେବୀମାନଙ୍କ ପାଇଁ ନୁହେଁ । ପ୍ଲଟ ନଂ- ୨୧ରେ





ସ୍ୱତ୍ୱଲିପି ମୁତାବକ ଏହି ମଣ୍ଡପରେ ପ୍ରତି ଗୁରୁବାର ଦିନ ଲକ୍ଷ୍ମୀଙ୍କର ମାଜଣା ନୀତି ଅନୁଷ୍ଠିତ ହୁଏ । ସେଥିପାଇଁ ମାଜଣା ମଣ୍ଡପ ପ୍ରତି ଗୁରୁବାରରେ ଧୂଆ ହୋଇ ସେଠାରେ ମଣ୍ଡଣି, ଚାନ୍ଦୁଆ ବନ୍ଧା ହୁଏ । ମହାଜନ ସେବକମାନେ ଲକ୍ଷ୍ମୀ ଓ ସରସ୍ୱତୀ ବା ଶ୍ରୀଦେବୀ ଏବଂ ଭୂଦେବୀଙ୍କୁ ରତ୍ନସିଂହାସନରୁ ଓ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନଙ୍କୁ ଦକ୍ଷିଣ ଘରୁ ଆଣି ମାଜଣା ମଣ୍ଡପରେ ବିଜେ କରାଇଥାନ୍ତି । ମାଜଣା ପାଇଁ ଏକ ଓଳି ଦହି କର୍ପୂର, ଅଗୁର, ଘୋରାଚନ୍ଦନ ପ୍ରଭୃତି ଉପଚାରମାନଙ୍କ ଦ୍ୱାରା ମାଜଣା ସରିବା ପରେ ଠାକୁର ଠାକୁରାଣୀମାନଙ୍କୁ ସ୍ୱ ସ୍ୱ ଆସନରେ ବିଜେ କରାନ୍ତି । ଭିତରଚ୍ଛ ଚନ୍ଦନ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ୩ ଓଳି ଦହି ଓ ତିନି ସରା ଭୋଗ ଲଗାଇଥାନ୍ତି । ଭୋଗ ପରେ କର୍ପୂର ଓ ବଳିତା ଆଳତି ହୁଏ । ଦ୍ୱିପ୍ରହର ଧୂପ ନିମନ୍ତେ ଛେକ ଆସିଲେ ମହାଜନମାନେ ଶ୍ରୀଦେବୀ (ଲକ୍ଷ୍ମୀ) ସରସ୍ୱତୀ (ଭୂଦେବୀ)ଙ୍କୁ ରତ୍ନସିଂହାସନକୁ ଓ ଶ୍ରୀମଦନମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଇଥାନ୍ତି । ସ୍ନାନ ପୂର୍ଣ୍ଣିମାଠାରୁ ଦିଅଁ ରଥରୁ ସିଂହାସନକୁ ଫେରିବା ପର୍ଯ୍ୟନ୍ତ, ନନ୍ଦୋତ୍ସବ ଓ ଦୟଣା ଚୋରି (ଦମନ ଚତୁର୍ଦ୍ଦଶୀ)ରେ ଗୁରୁବାର ପଡ଼ିଲେ ମାଜଣା ହୁଏ ନାହିଁ । ବାହାର ଚନ୍ଦନ ଯାତ୍ରା ୨୧ ଦିନ (ଅକ୍ଷୟ ତୃତୀୟଠାରୁ ହଳଦୀ ପାଣି ଯାଏ) ଚନ୍ଦନ ବେଢ଼ାରେ ମାଜଣା ହୁଏ । ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ଏକାଦଶୀ ଦିନ ଏହି ମଣ୍ଡପରେ ଶ୍ରୀଦେବୀ ଓ ଶ୍ରୀ ମଦନମୋହନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବାରୁ ଏହି ମଣ୍ଡପକୁ ବିବାହ ମଣ୍ଡପ କୁହାଯାଏ । ପୁରାଣ ଅନୁସାରେ ଏହି ତିଥିରେ ମା ରୁକ୍ମିଣୀ ବିଦର୍ଭ ରାଜଜେମା ତଥା ଭୀଷ୍ମଙ୍କ କନ୍ୟାଙ୍କ ସହ ଦ୍ୱାରକାଧିଷ ଶ୍ରୀକୃଷ୍ଣଙ୍କର ବିବାହ ହୋଇଥିଲା ।

ସ୍ନାନପୂର୍ଣ୍ଣିମା ଦିନ ତିନିବାଡ଼ର ଦଇତା ସେବକ ଠାକୁରମାନେ ଲାଗି ହୋଇଥିବା ରାହୁରେଖା ଏବଂ ଶ୍ରୀଜଗନ୍ନାଥଙ୍କ ହୀରାଚିତା, ଶ୍ରୀବଳଭଦ୍ରଙ୍କ ନୀଳାଚିତା ଓ ଶ୍ରୀସୁଭଦ୍ରାଙ୍କ ମାଣିକ୍ୟ ଚିତା ବାହାର କରି ଚଢ଼ାଉ ଦେଉଳ କରଣଙ୍କ ମାର୍ଫତରେ ଦିଅନ୍ତି । ଏହାକୁ ଶ୍ରୀ କାପଡ଼ାରେ ବାନ୍ଧି ମଦନମୋହନଙ୍କ ମୁଦ ଦେଇ ଭଣ୍ଡାର ମେକାପ ଭଣ୍ଡାରଘରେ ରଖନ୍ତି । ଶ୍ରାବଣ ମାସ ଅମବାସ୍ୟା ବା ଚିତାଲାଗି ଅମାବାସ୍ୟା ଦିନ ବଣିଆମାନେ ମାଜଣା ମଣ୍ଡପରେ ଚିତା ମାଜି ସଫା କରନ୍ତି ଏବଂ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ଦିନ ସୁବର୍ଣ୍ଣ ରାହୁରେଖା ବଣିଆମାନେ ଏଠାରେ ମାଜି ସଫା କଲେ ଠାକୁରମାନେ ଲାଗି ହୁଅନ୍ତି ।

ଗଜପତି ଗୋପୀନାଥ ଦେବଙ୍କ ସମୟରେ ପାଞ୍ଜିଆ ଗୋପୀନାଥ ପଟ୍ଟନାୟକ ପାଷାଣରେ ସମନାଥ ଚଉକି ତିଆରି କରିଥିବା ‘ମାଦଳାପାଞ୍ଜି’ରୁ ଜଣାଯାଏ । ତେଣୁ ଏହି ମଣ୍ଡପକୁ ସୋମନାଥ ମଣ୍ଡପ ମଧ୍ୟ କୁହାଯାଏ । ଏହି ମାଜଣା ମଣ୍ଡପରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀବିଷ୍ଣୁଙ୍କର ପଞ୍ଚମ ଅବତାର ଭଗବାନ ବାମନଙ୍କ ଜନ୍ମ ନୀତି ଅନୁଷ୍ଠିତ ହୁଏ । ଏଠାରେ ବଣିଆ ଦେଇଥିବା ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରନ୍ତି । ପ୍ରଭୁଙ୍କୁ ପଞ୍ଚାମୃତ ମହାସ୍ନାନ କରି ଶୀତଳ ଭୋଗ କରି ଗର୍ଭ ଉଦକ ନିମନ୍ତେ ପଞ୍ଚୋପଚାରରେ ପୂଜା କରାଯାଏ । ପରେ ଖଣ୍ଡୁଆ ଘୋଡ଼ାଇ ପୋଥି ପାଠ ପ୍ରମାଣେ ଜନ୍ମ ବିଧି ହୁଏ ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀ ଦିନ ଏହି ସେମାନାଥ ମଣ୍ଡପ ଖଟ ଉପରେ ଭଣ୍ଡାର ଘରୁ ଦୁର୍ଗା ଆଜ୍ଞାମାଳ ପାଇ ପତିମହାପାତ୍ରଙ୍କ ହାତରେ ବିଜେ ହୁଅନ୍ତି । ଏହିଦିନ ମା’ ଦୁର୍ଗା ଦେବୀଙ୍କର ସହସ୍ର କୁମ୍ଭାଭିଷେକ ହୋଇଥାଏ ।

ମାଜଣା ମଣ୍ଡପ ବା ସୋମନାଥ ମଣ୍ଡପଟି ପୀଢ଼ ଶୈଳୀରେ ନିର୍ମିତ । ଏହି ମଣ୍ଡପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ଭକ୍ତି ସଂଗୀତ, ଶ୍ରୀଗୀତଗୋବିନ୍ଦ ଇତ୍ୟାଦି ଗାନ କରାଯାଉଥିବାରୁ ଏହି ମଣ୍ଡପକୁ ‘ଗାଆଣ ମଣ୍ଡପ’ ମଧ୍ୟ କୁହାଯାଏ ।

# ବୈକୁଣ୍ଠ ମଣ୍ଡପ

ମହାବିଷ୍ଣୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ବୈକୁଣ୍ଠାଧିପତି ବୈକୁଣ୍ଠ ବିହାରୀ । ବୈକୁଣ୍ଠ ଶବ୍ଦର ଅର୍ଥ ହେଲା ବିଗତା କୁଣ୍ଠା ନା ଶୋସ୍ୟ ବୈକୁଣ୍ଠମ୍ ଜ୍ଞାନଂ ସ୍ଥାନଂ ବାସ୍ତି, ଯାହାଙ୍କର କୁଣ୍ଠା ବା ନାଶ ନାହିଁ ତାହା ବୈକୁଣ୍ଠ । ସେ ପୁଣି ସ୍ଥାନ ଓ ଜ୍ଞାନର ସୂଚକ । ବିକୁଣ୍ଠ ହେଉଛନ୍ତି ଜୀବ । ବିକୁଣ୍ଠର ଯେ ନିୟନ୍ତା ବା ଜ୍ଞାନଦାତା ସେ ହେଉଛି ବୈକୁଣ୍ଠ । ଯେଉଁ ସ୍ଥାନକୁ ଗଲେ ଜୀବର ଆଗମନ କୁଣ୍ଠିତ ହୋଇଥାଏ, ସେହି କ୍ଷେତ୍ରର ବିହାରୀ ନିଜେ ଜଗନ୍ନାଥ ।

ଶ୍ରୀକ୍ଷେତ୍ର ହେଉଛି ମର୍ତ୍ତ୍ୟ ବୈକୁଣ୍ଠ । ଶାସ୍ତ୍ରରେ କୁହାଯାଇ ଅଛି “ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପଂ ତତ୍ କ୍ଷେତ୍ରଂ ଶ୍ରୀ ପୁରୁଷୋତ୍ତମମ୍ ।”

ଶ୍ରୀକ୍ଷେତ୍ରକୁ ନେଇ ଗଢ଼ି ଉଠିଛି ‘ନବବୈକୁଣ୍ଠ’ ଭାବଧାରା । ଯଥା – ୧. ନୀଳାଦ୍ରି ବୈକୁଣ୍ଠ- ରତ୍ନବେଦୀ, ୨. ପୂର୍ବ ବୈକୁଣ୍ଠ-ପତିତପାବନ ସ୍ଥାନ, ୩. ପଶ୍ଚିମ ବୈକୁଣ୍ଠ- ଲକ୍ଷ୍ମୀ ଯେଉଁଠାରେ ବିରାଜମାନ, ୪- ବ୍ରହ୍ମ ବୈକୁଣ୍ଠ-ମୁକ୍ତି ମଣ୍ଡପ, ୫.ଅନନ୍ତ ବୈକୁଣ୍ଠ-ଦକ୍ଷିଣ ଦିଗରେ ଅନନ୍ତ ଶୟନ ମୂର୍ତ୍ତି, ୬- ଲୀଳା ବୈକୁଣ୍ଠ- ଜଗମୋହନ , ୭. ପାତାଳ ବୈକୁଣ୍ଠ, ୮. ଅମର ବୈକୁଣ୍ଠ- ସ୍ୱର୍ଗଦ୍ୱାର । ଏହି ଭାବଧାରେରେ ଅଷ୍ଟମ ବୈକୁଣ୍ଠ ପରେ ନବମ ବୈକୁଣ୍ଠ ହେଉଛି ‘କୈବଲ୍ୟ ବୈକୁଣ୍ଠ’ ବା ‘କୋଇଲି ବୈକୁଣ୍ଠ’ ।

ଶାସ୍ତ୍ର ମତରେ କୈବଲ୍ୟର ଅର୍ଥ ହେଉଛି- ଇନ୍ଦ୍ରିୟ ତ୍ୟାଗ ପୂର୍ବକ ଆତ୍ମାର କେବଳତ୍ୱ । ଏଥିରେ ଶରୀରକୁ ଆଧାର କରି ରହିଥିବା ଇନ୍ଦ୍ରିୟମାନେ ଆଉ ରହନ୍ତି ନାହିଁ । କେବଳ ରହେ ଅଜର, ଅମର ଆତ୍ମା । ଶ୍ରୀମନ୍ଦିରର ଉତ୍ତର ଦ୍ୱାର ପାର୍ଶ୍ୱରେ ଥିବା କୋଇଲି ବୈକୁଣ୍ଠ ମଧ୍ୟରେ ଏହି ବୈକୁଣ୍ଠ ମଣ୍ଡପ ରହି ଅଛି । ଏହା ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଏବଂ ତିରୋଭାବର ସ୍ଥଳ । ନବକଳେବର ସମୟରେ ମହାପ୍ରଭୁଙ୍କର ଶ୍ରୀବିଗ୍ରହ ଗଠନ କରାଯାଏ । ପୁଣି ସେଠାରେ ମହାପ୍ରଭୁଙ୍କୁ ସମାଧି ଦିଆଯାଏ । ପୁରାତନ ବିଗ୍ରହଙ୍କୁ ପାତାଳି କରାଯାଏ । କୋଇଲି ବୈକୁଣ୍ଠକୁ ଅନେକେ ‘ଜନ୍ମକୁଞ୍ଜ’ ଏବଂ ଶ୍ରୀମନ୍ଦିରର ଦେବ ଶ୍ମଶାନ ରୂପେ ଅଭିହିତ କରନ୍ତି । ଏଠାରେ ପୁରାତନ ବିଗ୍ରହମାନଙ୍କର ଭୂଗର୍ଭଶାୟନ କରାଯାଏ ବୋଲି ତାହାକୁ ବୈକୁଣ୍ଠାଧିପତିଙ୍କ ବିଗ୍ରହଙ୍କର ବିଶ୍ରାମସ୍ଥଳ ରୂପେ ବିବେଚନା କରାଯାଏ । ‘ଭୂଗର୍ଭଶାୟନ’, ଗୋଲକ ବିଶ୍ରାମ ଆଦି ବିଭିନ୍ନ ପରିଭାଷାରେ ବର୍ଣ୍ଣନା କରାଯାଇଥାଏ । ‘ନବକଳେବର ଷଡ଼ ଶୀତିଃ’ରେ ଏହି ଭୂମି ଭଣ୍ଡାରରେ ବିଦାୟୀ ବିଗ୍ରହମାନଙ୍କୁ ‘ବୈକୁଣ୍ଠାଧିପତିଙ୍କ ବିଗ୍ରହ’ ଏବଂ କୋଇଲି ବୈକୁଣ୍ଠରେ ସେମାନଙ୍କର ବିଶ୍ରାମକୁ ‘ବୈକୁଣ୍ଠାଧିଷ୍ଠାନ’ କୁହାଯାଇ ଅଛି । ଶ୍ରୀମନ୍ଦିର ହେଉଛି ସମଗ୍ର ଭାରତବର୍ଷରେ ଏକମାତ୍ର ମନ୍ଦିର, ଯେଉଁଠାରେ ପୂଜିତ ପ୍ରଭୁଙ୍କ ରତ୍ନ ସିଂହାସନ ସହିତ ସେମାନଙ୍କର ମହାଶ୍ମଶାନ ମଧ୍ୟ ରହିଛି ଏବଂ ସେଠାରେ ପୂଜିତ ହେଉଛନ୍ତି ଶ୍ମଶାନ ଚଣ୍ଡୀ । ଏଠାରେ ଶ୍ରୀବିଗ୍ରହମାନଙ୍କୁ ପୋଡ଼ା ନ ଯାଇ ପାତାଳି କରାଯାଏ ବୋଲି ଏହା ‘ଅପୋଡ଼ା ଭୂଇଁ’ ମଧ୍ୟ । ଏହା ମୋଟରେ ଏକ ଏକର ୨୯ ଡିସିମିଲ ପରିମିତ ଅଞ୍ଚଳରେ ରହିଅଛି । ଏହି ମହାସମାଧି ପୀଠକୁ ଚାରି ଚକ୍ର, ଅଷ୍ଟଭୁଜ ବିଶିଷ୍ଟ ତପସ୍ୱୀ ହନୁମାନ ଉତ୍ତର ଦ୍ୱାର ବାହାରେ ଜଗି ରହିଛନ୍ତି । ଏଠାରେ ଉଭୟ ବୈକୁଣ୍ଠନାଥ ଶିବ ଏବଂ ବୈକୁଣ୍ଠ ନାରାୟଣ ବିରାଜମାନ କରିଥିବାରୁ ଏହା ହରି ଓ ହରଙ୍କର ସମନ୍ୱୟ ପୀଠ । ଏହା ହିଁ ବୈକୁଣ୍ଠ ମଣ୍ଡପର ସାର୍ଥକତା ।



ଏହି ମଣ୍ଡପ ପାଖରେ ପ୍ରତିଷ୍ଠା ମଣ୍ଡପ, ଦାରୁଶାଳା, ନୃସିଂହ ମଣ୍ଡପ, ଯଜ୍ଞ ମଣ୍ଡପ ପ୍ରଭୃତି ଅନେକ ମଣ୍ଡପ ଅଛନ୍ତି । ଏହି ପୀଠଟି ଗୋଟିଏ ତୀର୍ଥ କ୍ଷେତ୍ର ରୂପେ ବିବେଚିତ । ଏଠାରେ ସୁନ୍ଦର ସୁଗନ୍ଧିତ ଫୁଲ ବଗିଚା, ତୁଳସୀ ଦୟଣା ପ୍ରଭୃତି ପରିବେଶକୁ ମହକାଇ ଦିଏ । ଏହି ପୀଠରେ ପଦାର୍ପଣ କଲେ ମନ ଭିତରେ ଥିବା ସମସ୍ତ ପ୍ରକାର ଦୁଶ୍ଚିନ୍ତା ତଥା ବାଦ, ଛେଦ, ଲୋଭ, ମୋହ, ମାୟା, କାମ, କ୍ରୋଧ, ଆସକ୍ତି ଉଭେଇ ଯାଇ ସୃଷ୍ଟି ହୋଇଥାଏ ଶାନ୍ତି, ମୈତ୍ରୀ, ଐକ୍ୟ, ସଦ୍‌ଭାବ ତଥା ଐଶ୍ୱରିକ ଭାବ । ■

ମାଟି ମଣ୍ଡପ ସାହି, ପୁରୀ





# ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥ ମଣ୍ଡପ



ଡକ୍ଟର ଅଭିମନ୍ୟୁ ବରାଳ

"ନୀଳାଦ୍ରି କନ୍ଦରାନନ୍ଦୀ ମନ୍ଦରାଳୟ ବନ୍ଦିତମ୍ ।
ବନ୍ଦେ ବନ୍ଦାରୁ ମନ୍ଦାରମିନ୍ଦିରା ମନ୍ଦିରମହମ୍ ।।"

ଲୀଳାମୟ ଜଗନ୍ନାଥଙ୍କର ଅପୂର୍ବ ଲୀଳା। ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ଅନ୍ୟତମ ଶ୍ରେଷ୍ଠ ଯାତ୍ରା। ଏହି ଯାତ୍ରା ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ 'ନୀଳାଦ୍ରି ବିଜେ'ରେ ଶେଷ ହୁଏ। ସ୍ନାନ ଯାତ୍ରା ତାଙ୍କ ଆଦ୍ୟ ଯାତ୍ରା। ଏହି ସ୍ନାନ ଯାତ୍ରାରେ ପ୍ରଭୁ ସ୍ୱୟଂ ଲୀଳା ପାଇଁ ଅବତୀର୍ଣ୍ଣ ହୋଇଥାନ୍ତି। ଅନ୍ୟ ଯାତ୍ରାଗୁଡ଼ିକରେ ପ୍ରଭୁଙ୍କର ଚଳନ୍ତି ପ୍ରତିମା ରାମକୃଷ୍ଣ ଓ ମଦନମୋହନ ଅଂଶ ଗ୍ରହଣ କରିଥାନ୍ତି। ତେଣୁ କବି ସମ୍ରାଟ୍ ଉପେନ୍ଦ୍ରଭଞ୍ଜ କହିଛନ୍ତି –

"ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟ ଲୀଳାଯାର
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ଯେ ।।"
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପ୍ରଭୁ ଭ୍ରାତାଭଗ୍ନୀଙ୍କ ସହିତ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥାରୋହଣ ପୂର୍ବକ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ପତିତଙ୍କୁ ଉଦ୍ଧାର କରିବା ପାଇଁ ପ୍ରଭୁ ରତ୍ନ ସିଂହାସନରୁ ଧୂଳି ଧୂସରିତ ବଡ଼ଦାଣ୍ଡକୁ ଚାଲିଆସନ୍ତି, ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ- ଅଛୁବ, ଜାତିଚ୍ୟୁତ ତଥା ପତିତମାନଙ୍କୁ ଦର୍ଶନ ଦେଇ ସେ ପାବନ କରନ୍ତି। ତେଣୁ 'ଘୋଷ ଯାତ୍ରା'କୁ 'ପତିତପାବନ ଯାତ୍ରା' ବୋଲି ମଧ୍ୟ କୁହାଯାଏ। ପୁନଶ୍ଚ, ଆଡ଼ପ ମଣ୍ଡପ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ନବ ଦିନଯାତ୍ରା, ଦଶାବତାର ଯାତ୍ରା, ଜନ୍ମବେଦୀ ଯାତ୍ରା ପ୍ରଭୃତି କୁହାଯାଏ। ଏହି ନବ ଦିନାତ୍ମକ ଯାତ୍ରାରେ ଆସି ପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରନ୍ତି। 'ସ୍କନ୍ଦ ପୁରାଣ'ରେ କୁହାଯାଇଛି-

"ନୀଳାଦ୍ରୌ ଦଶ ବର୍ଷାଣି, ଗୁଣ୍ଡିଚା ମଣ୍ଡପେ ଦିନେ ।
ତବାତି ଦର୍ଶନଂ ପୁଣ୍ୟଂ, ରାତ୍ରୌ ଦଶଗୁଣା ଭବେତ୍ ।।"

ଅର୍ଥାତ୍– ନୀଳାଦ୍ରି ମଣ୍ଡପରେ ଦଶବର୍ଷ ଦର୍ଶନ କଲେ ଯେଉଁ ଫଳ ମିଳେ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଗୋଟିଏ ଦିନ ମାତ୍ର ଦର୍ଶନ କଲେ ସେହି ଫଳ ମିଳିଥାଏ। ପୁନଶ୍ଚ ଦିବସ ଅପେକ୍ଷା ରାତ୍ରିକାଳରେ ଦର୍ଶନ କଲେ ଦଶଗୁଣା ଫଳ ମିଳିଥାଏ।

ଶ୍ରୀମନ୍ଦିରରେ ଯେପରି ଅନେକ ଗୁଡ଼ିଏ ମଣ୍ଡପ ଅଛି, ଯଥା – ମଣି ମଣ୍ଡପ, ଭେଟ ମଣ୍ଡପ, ଚାହାଣୀ ମଣ୍ଡପ, ସ୍ନାନ ମଣ୍ଡପ, ରତ୍ନମଣ୍ଡପ ଇତ୍ୟାଦି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଅନେକ ଗୁଡ଼ିଏ ମଣ୍ଡପ ରହିଛି। ଉକ୍ତ ଆଲେଖ୍ୟଟିରେ ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥିତ ମଣ୍ଡପଗୁଡ଼ିକ ବିଷୟରେ ସମ୍ୟକ୍ ଆଲୋଚନା କରାଯାଇଛି।

ସପ୍ତାହରେ ପ୍ରତିଦିନ ନହେଲେ ମଧ୍ୟ ଅନ୍ତତଃ ଗୋଟିଏ ଦିନ ଆଡ଼ପ ମଣ୍ଡପରେ ପ୍ରଭୁ କଳାଶ୍ରୀ ମୁଖଙ୍କୁ ଦର୍ଶନ କରିବା ପାଇଁ ଭକ୍ତପ୍ରାଣ ଆକୁଳ ହୁଏ। ଏହି ଗୋଟିଏ ଦିନ ଦର୍ଶନର ମହତ୍ତ୍ୱ ସଂପର୍କରେ ପୂର୍ବରୁ ଆଲୋକପାତ କରାଯାଇଛି। ଗୁଣ୍ଡିଚା ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ତିନୋଟି କାର୍ଯ୍ୟ ସମ୍ପାଦନ କରାଯାଏ। ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ, ସ୍ୱୟମ୍ଭୁ ନୀଳକଣ୍ଠଙ୍କ ଅନୁମତି ପ୍ରାର୍ଥନା ଓ ଦକ୍ଷିଣାଭିମୁଖୀ ନରସିଂହଙ୍କୁ ପୂଜାର୍ଚ୍ଚନା କରାହୁଏ। ତା'ପରେ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରାଯାଏ। ତେଣୁ କମ୍ବୁକଟକର ରାଜାଧିରାଜ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅବସର ବିନୋଦନ ସ୍ଥାନ ଓ ପରିଭ୍ରମଣ ଜନିତ ରାଜଭବନ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର। ଏହି ଶ୍ରୀଗୁଣ୍ଡିଚା ମନ୍ଦିର ମହାବେଦୀ ଶ୍ରୀକ୍ଷେତ୍ର ଧାମର ଆଉ ଏକ ବିଶିଷ୍ଟ ପବିତ୍ର ସ୍ଥାନ।

## ବଳି ମଣ୍ଡପ

ଶ୍ରୀଗୁଣ୍ଡିଚା ମନ୍ଦିରର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ 'ବଳି ମଣ୍ଡପ' କୁହାଯାଏ। ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ଶ୍ରୀବିଗ୍ରହମାନଙ୍କର ମଧ୍ୟାହ୍ନ ଭୋଗକୁ ଆଚାର୍ଯ୍ୟ (ପୂଜା ପଣ୍ଡା) ବଳି ମଣ୍ଡପରେ ପରିବେଷଣ କରନ୍ତି। ତେଣୁ 'ବାମଦେବ ସଂହିତା'ରେ ଉଲ୍ଲେଖ ଅଛି ଯେ –

"ମଧ୍ୟାହ୍ନ ଭୋଗଂ ବଳିମଣ୍ଡପେଚ
କୁର୍ଯ୍ୟାତ୍ ସ ଆଚାର୍ଯ୍ୟବରୋ ବିଧିଜ୍ଞଃ ।"
('ବାମଦେବ ସଂହିତା' ୧୬/୧୭)

## ଆଡ଼ପ ମଣ୍ଡପ

ସମଗ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଅଞ୍ଚଳକୁ ଯଜ୍ଞ ମଣ୍ଡପ, ଆଡ଼ପ ମଣ୍ଡପ ଇତ୍ୟାଦି କୁହାଯାଏ। ମହାରାଜ ଇନ୍ଦ୍ରଦ୍ୟୁମ୍ନ ଏହିଠାରେ ଯଜ୍ଞ କରି ନୃସିଂହଙ୍କୁ ପ୍ରତିଷ୍ଠା କରିବା ସହିତ ଦାରୁ ବିଗ୍ରହଙ୍କୁ ପ୍ରତିଷ୍ଠା କରିଥିଲେ। ସ୍ନାନ ପୂର୍ଣ୍ଣିମା ଦିନ ପ୍ରଭୁ ଏଠାରେ ଆବିର୍ଭୂତ ହୋଇଥିବାରୁ ଏହାକୁ ଜନ୍ମବେଦୀ, ଜନକପୁରୀ ବୋଲି ମଧ୍ୟ କୁହାଯାଏ। ଭକ୍ତମାନେ ଉକ୍ତ ଦିନକୁ ଶ୍ରୀଜଗନ୍ନାଥଙ୍କ ଜନ୍ମ ଦିନ ବୋଲି ମାନନ୍ତି ଏବଂ ଉପବାସ ମଧ୍ୟ କରନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ଡକ୍ଟର ନରେଶ ଚନ୍ଦ୍ର ଦାଶଙ୍କ ମତରେ ସମଗ୍ର ଗୁଣ୍ଡିଚା ମନ୍ଦିର ଅଞ୍ଚଳଟି ଯଜ୍ଞ ମଣ୍ଡପ ଅଟେ।

## ରାସ ମଣ୍ଡପ

ଶ୍ରୀଗୁଣ୍ଡିଚା ମନ୍ଦିର ରାସ ମଣ୍ଡପରେ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରାବୃଟ ରାସ କରନ୍ତି। ମାତା ଯଶୋମତୀ, ବ୍ରଜାଙ୍ଗନାଗଣ, ସୁବଳ, ସୁଦାମା ପ୍ରମୁଖ ସଖାମାନଙ୍କ ସହିତ ନାନା କ୍ରୀଡ଼ା କୌତୁକ କରିବା ସହିତ ବାତ୍ସଲ୍ୟ ମମତାର ମୂର୍ତ୍ତିମତୀ ଦେବୀ ମାତା ଯଶୋଦାଙ୍କୁ ଦର୍ଶନ ଦେଇ ପୁତ୍ର ବିରହ ବିଧୁରା ମାତାଙ୍କ ହୃଦୟକୁ ବେଶ୍ ଶାନ୍ତି ପ୍ରଦାନ କରିଥାନ୍ତି। ରାତ୍ରିର ନିର୍ଜନ ପ୍ରହରରେ ପ୍ରଭୁ ବ୍ରଜ ସୁନ୍ଦରୀମାନଙ୍କ ସହିତ ଗୋପନୀୟ ରାସ ଲୀଳା କରିଥାନ୍ତି। ଗୁଣ୍ଡିଚା ମନ୍ଦିରକୁ ଲାଗି ଯେଉଁ ରାଇ ତୋଟା ରହିଛି, ତାହା ବୃନ୍ଦାବନ ଓ ମାଳିନୀ ନଦୀ ଯମୁନା ଭାବରେ ପ୍ରବାହିତ। ଏବେ ଏସବୁର ଅସ୍ତିତ୍ୱ ନାହିଁ। ମାଳିନୀ ନଦୀ ଅଠାର ନଳା ପାଖରେ ପ୍ରବାହିତ। ରାଇ ତୋଟାର କେବଳ ନାମ ଅଛି। ତାହା କୋଠାବାଡ଼ିରେ ପୂର୍ଣ୍ଣ।

## ମୁକ୍ତି ମଣ୍ଡପ

ଶ୍ରୀମନ୍ଦିରସ୍ଥ ମୁକ୍ତି ମଣ୍ଡପ ପରି ଗୁଣ୍ଡିଚା ମନ୍ଦିରରେ ମଧ୍ୟ ମୁକ୍ତି ମଣ୍ଡପ ଅଛି। ଗଜପତିଙ୍କ ପ୍ରତିଷ୍ଠିତ ଷୋଳ ଶାସନରେ ବେଦଜ୍ଞ ବ୍ରାହ୍ମଣମାନେ ଏଠାରେ ଉପବେଶନ କରିଥାନ୍ତି। କୌଣସି ସମସ୍ୟା ହେଲେ ଏମାନେ ଶାସ୍ତ୍ରାନୁସାରେ ସମାଧାନ କରନ୍ତି।

## ରତ୍ନ ମଣ୍ଡପ

ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରଭୁ ଯେଉଁଠାରେ ଅବସ୍ଥାନ କରନ୍ତି, ତାହାର ନାମ ରତ୍ନ ମଣ୍ଡପ, ରତ୍ନବେଦୀ ଇତ୍ୟାଦି। ନବଦିନ ଯାତ୍ରାରେ ପ୍ରଭୁ ଏଠାକୁ ଆସି ଚତୁର୍ଦ୍ଧା ମୂର୍ତ୍ତି ଏହି ରତ୍ନ ମଣ୍ଡପରେ ହିଁ ଅବସ୍ଥାନ କରନ୍ତି।

## ଭୋଗ ମଣ୍ଡପ

ଶ୍ରୀମନ୍ଦିରରେ ଯେପରି ଭୋଗ ମଣ୍ଡପ ରହିଛି ଗୁଣ୍ଡିଚା ମନ୍ଦିରରେ ମଧ୍ୟ ସେହିପରି ଭୋଗ ମଣ୍ଡପ ଅଛି। ସେହି ଭୋଗ ମଣ୍ଡପରେ ପୂଜାପଣ୍ଡା ସେବକ ଶ୍ରୀଜୀଉମାନଙ୍କୁ ଭୋଗ ସମର୍ପଣ କରନ୍ତି। ଶ୍ରୀମନ୍ଦିରର ପରି ସମସ୍ତ ନୀତିକାନ୍ତି ଏଠାରେ ଯଥାଯଥା ଭାବେ ପାଳନ କରାଯାଏ।



ଗୁଣ୍ଡିଚା ଅର୍ଥ ଅସ୍ଥାୟୀ କୁଟୀର ବା ମଣ୍ଡପ। ଡକ୍ଟର ବିଚିତ୍ରାନନ୍ଦ ମହାନ୍ତିଙ୍କ ମତରେ ଏହି ଗୁଣ୍ଡିଚା ମହାବେଦୀ, ଜନକପୁରୀ, ଆଡ଼ପ ମଣ୍ଡପ, ଯଜ୍ଞ ମଣ୍ଡପ ତଥା ନୃସିଂହ କ୍ଷେତ୍ର ହୋଇଥିବାରୁ ଏବଂ ଶ୍ରୀଜଗନ୍ନାଥ ଯଜ୍ଞ ନୃସିଂହ ବିଗ୍ରହରୁ ଯଜ୍ଞନାଥ ଜଗନ୍ନାଥରେ ରୂପାନ୍ତରିତ ହୋଇଥିବାରୁ ଶ୍ରୀମନ୍ଦିରରୁ ପ୍ରତିବର୍ଷ ତାଙ୍କର ଜନକପୁରୀ ବା ଯଜ୍ଞପୁରୀ ଗୁଣ୍ଡିଚା ଘରକୁ ଯାତ୍ରା କରଥାନ୍ତି। ଏହି ସ୍ଥାନକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଜନ୍ମସ୍ଥାନ ବା ଜନକପୁରୀ ଭାବରେ ଗ୍ରହଣ କରାଯାଇ ଥିବାରୁ ବର୍ଷରେ ଥରେ ସେମାନଙ୍କ ଜନ୍ମସ୍ଥାନକୁ ଯାତ୍ରା କରିବା ଏହି ଗୁଣ୍ଡିଚା ଯାତ୍ରାର ଆଭିମୁଖ୍ୟ। ■

ବର୍ଷଣା ବିହାର,
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ମଣିଙ୍କ ରାଶିରେ ରାହୁ ଚଳନ

ଢେର ବ୍ୟବଧାନରେ ଗତବର୍ଷ ଜୁଏଲ୍ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ, ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସାଙ୍ଗକୁ କ୍ୟାବିନେଟ ପାହ୍ୟା। ସେତେବେଳେ ଲୋକମାନେ କହିଲେ ଜୁଏଲଙ୍କ ପଞ୍ଚମ ବୃହସ୍ପତି ଚାଲିଛି। ମାତ୍ର ଗତ କିଛିଦିନ ହେଲା ଗୋଟାକ ପରେ ଗୋଟାଏ ଅଘଟଣ ଶିକାର ହେବା ପରେ ଏବେ ଜୁଏଲଙ୍କ ରାଶିରେ ରାହୁ ଚଳନ ହୋଇଥିବା ଅନେକ କହୁଛନ୍ତି। ସବୁବେଳେ ନିଜ ବିରୋଧୀଙ୍କ ପାଇଁ ରାହୁ ପାଲଟିଥିବା ସୁନ୍ଦରଗଡ଼ ମଣି ଓରଫ୍ ଜୁଏଲଙ୍କ ନିଜେ ରାହୁ ଚଳନର ପ୍ରଭାବିତ ହେବେ ଏ କଥା ଆମେ ବିଶ୍ୱାସ କରୁ ନ ଥିଲୁ । ମାତ୍ର ଏବେ ଜୁଏଲଙ୍କ ସହ ଯେପରି ଗୋଟାକ ପରେ ଗୋଟାଏ ଅଘଟଣ ଘଟି ଚାଲିଛି, ତାହା ଅନେକଙ୍କୁ ବିସ୍ମିତ କରିଛି। କେଇ ସପ୍ତାହ ତଳେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ କୁଆଡ଼େ ଅକସ୍ମାତ ଚଳମାନ ଟ୍ରେନ୍‌ରୁ ରାତି ଅଧରେ ରହସ୍ୟମୟ ଭାବରେ ଉଭାନ ହୋଇଗଲେ। ତିନି ଚାରିଘଣ୍ଟା ପରେ ଦେଢ଼ଶହ କିଲୋମିଟର ଦୂରରେ ଅନ୍ୟ ଏକ ଟ୍ରେନ୍‌ରୁ ତାଙ୍କୁ ଠାବ କରାଯାଇଥିବା କୁହାଗଲା । ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏହି ଖବରକୁ ତାଙ୍କ ଅନୁଗତମାନେ ଗୁଜବ ବୋଲି କହି ଉଡ଼ାଇ ଦେଲେ। ସେ କଥା ଲୋକଙ୍କ ମନରୁ ନ ଲିଭୁଣୁ ଏବେ ନୂଆଦିଲ୍ଲୀ ବିମାନବନ୍ଦରରେ ଜୁଏଲ୍ ଦୀର୍ଘ ସମୟ ଫଶି ରହିବା ଖବର ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ଏହି କଥା ସତ କି ମିଛ ତାହା ଜୁଏଲ୍ ସ୍ପଷ୍ଟ କରିନାହାନ୍ତି। ଠିକ୍ ଏହି ସମୟରେ ସଂସଦରେ ଶିବାଜୀ ଉପାଖ୍ୟାନ ବର୍ଣ୍ଣନା କରି ପ୍ରିୟପାତ୍ର ହୋଇଥିବା ପୁରୋହିତ କୁଆଡ଼େ ଜୁଏଲଙ୍କ ସ୍ଥାନ ନେଇ ପାରନ୍ତି ବୋଲି ଏକ ଖବର ଦିଲ୍ଲୀରୁ ଉଡ଼ିଉଡ଼ି ଓଡ଼ିଶାରେ ପହଞ୍ଚିବା ଜୁଏଲ ଅନୁଗତଙ୍କୁ ବିବ୍ରତ କରିଛି । ରାଜ୍ୟର ଜଣେ ଉପକୂଳିଆ ସାଂସଦ ଏହି ପ୍ରଚାରର ସୂତ୍ର ବୋଲି ରାମମନ୍ଦିର ଆଖଡ଼ାରେ ଚର୍ଚ୍ଚା ହେଉଛି ।



## ସୁସୁରି ମାରି କୀଳା ନିମନ୍ତ୍ରଣ

ରାଜ୍ୟ ମୁଖିଆ ମୋହନଙ୍କ ବିଶ୍ୱସ୍ତ ବୋଲାଉଥିବା ଆସ୍କା ନେତା ସରୋଜ ପାଢ଼ୀ ନିଜକୁ ସ୍ପଷ୍ଟବାଦୀ ନେତା ଓ ତାଙ୍କ ବିଷୟରେ କେହି କିଛି ମନ୍ତବ୍ୟ ଦେଲେ ସେ ତାହାକୁ ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି କହନ୍ତି। ବୋଧେ ସେଥିପାଇଁ ସାମାଜିକ ଗଣମାଧ୍ୟମରେ ବିରୋଧୀମାନେ ତାଙ୍କୁ ବାଲି ମାଫିଆ, ଢ଼ହରା, ଆସ୍କା ଆତ୍ମାସଢ଼ାର ବୋଲି ଆକ୍ଷେପ କଲେ ବି ସେ ଏଥିରେ ଆଦୌ ବିଚଳିତ ହୁଅନ୍ତି ନାହିଁ। ହେଲେ ତାଙ୍କର ଆଗଚଲା ଗୁଣ ଏବେ ତାଙ୍କୁ ଅଡୁଆରେ ପକାଇ ଦେଇଛି ଓ ତାଙ୍କର ମନ୍ତ୍ରୀ ପଦ ଆଶା ମଉଳି ଯାଇଛି। ସମସ୍ତେ ଜାଣନ୍ତି ମୋହନ ମାଝୀ ହେଉଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ । ମାତ୍ର ପାଢ଼ୀ ବାବୁଙ୍କ ଦୃଷ୍ଟିରେ ମୁଖ୍ୟମନ୍ତ୍ରୀ ମୋହନଙ୍କ ସହ ଦଳର ରାଜ୍ୟ ସଭାପତି ମନମୋହନ ସମାନ। ସେଥିପାଇଁ ରାଜ୍ୟ ପରିଚାଳନାର ଶ୍ରେୟ ସମାନ ଭାବରେ ମୁଖ୍ୟମନ୍ତ୍ରୀ ମୋହନଙ୍କ ସହ ପଦ୍ମ ଦଳର ସଭାପତି ମନମୋହନଙ୍କୁ ଦେଇଛନ୍ତି ପାଢ଼ୀବାବୁ। ନିକଟରେ କିଛି ବୁମ୍‌ଧାରୀ ବନ୍ଧୁଙ୍କ ସହ ଆଲୋଚନା କାଳରେ ପାଢ଼ୀ ବାବୁ ସରକାରକୁ ଉଭୟ ମୋହନ ଓ ମନମୋହନ ଚଳାଉଥିବା କହିଛନ୍ତି । ମନମୋହନଙ୍କ ସୁଦୟାରୁ ପାଢ଼ୀବାବୁଙ୍କୁ ଭୋଟ ବେଳେ ଟିକଟ ମିଳିଛି, ସେଥିପାଇଁ ତାଙ୍କ ପ୍ରତି ଅକୃତଜ୍ଞ ହେବେ କିପରି? ଏପଟେ ଆଗକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା ଥିବା ଯୋଗୁଁ ସେ ଏବେ ଗୋକୁଳଙ୍କ ସ୍ଥାନ ନେବା ମୁଖ୍ୟମନ୍ତ୍ରୀ ମୋହନଙ୍କୁ ଖୁସି କରିବାକୁ ବି ପଡ଼ିବ । ତେଣୁ ଉଭୟ ମନ ଓ ମୋହନଙ୍କୁ ସିଏ ରାଜ୍ୟ ଚଳାଇବାର ଦାୟିତ୍ୱ ଦେଇଦେଲେ । ମାତ୍ର ରାଜ୍ୟ ଚଳାଇବାର ଶ୍ରେୟ ମୋହନଙ୍କୁ ଶତ ପ୍ରତିଶତ ନ ଦେଇ ସେଥିରୁ ଅଧେ ମନମୋହନଙ୍କୁ ଦେଇ ଯେଉଁ କୀଳା ନିମନ୍ତ୍ରଣ କରିଛନ୍ତି, ତାହା କୁଆଡ଼େ ତାଙ୍କ ପାଇଁ ବିପଦ ହେବ ବୋଲି କେହିକେହି କହିଲେଣି।



## ମହାଲିଙ୍ଗଙ୍କ ଅନନ୍ୟ ଉପଲବ୍ଧି

ଜୀବବିଜ୍ଞାନୀ ମୁକେଶ ମହାଲିଙ୍ଗଙ୍କ ମୁଣ୍ଡରେ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ପରି ଗୁରୁ ଦାୟିତ୍ୱ ଲଦିଛନ୍ତି ପଦ୍ମ ସରକାର। ମାତ୍ର ମହାଲିଙ୍ଗ ଯେଉଁଠି ନିଜ ବିଭାଗକୁ ଜୀବାଣୁ, ବୀଜାଣୁ ଓ ଭୂତାଣୁରୁ ବଞ୍ଚାଇ ପାରୁ ନାହାନ୍ତି; ସେଠାରେ ସେ ରାଜ୍ୟର ସାଢ଼େ ଚାରିକୋଟି ଲୋକଙ୍କ ସ୍ୱାସ୍ଥ୍ୟ କିପରି ସୁସ୍ଥ ରଖିବେ ତାହା ସ୍ୱାଭାବିକ ଭାବରେ ଆମମାନଙ୍କ ପାଇଁ ଅବୋଧ । କେଇ ମାସ ତଳେ କଣାସରେ ଝାଡ଼ାବାନ୍ତିରେ ଛଅ ମୁଣ୍ଡ ଗଡ଼ିଲା, ସେଥିରେ ମହାଲିଙ୍ଗ ଟିକିଏ ମାତ୍ର ବିଚଳିତ ହେଲେ ନାହିଁ। ଗଲା ୧୫ ଦିନ ମଧ୍ୟରେ ରାଜ୍ୟରେ ଝାଡ଼ାବାନ୍ତି ପନ୍ଦର ଜିଲ୍ଲାକୁ ମାଡ଼ିଲାଣି, କୋଡ଼ିଏ ମୁଣ୍ଡ ଗଡ଼ିଲାଣି; ତଥାପି ମନ୍ତ୍ରୀ ମହାଲିଙ୍ଗ ବେଧଡ଼କ । ରାଜ୍ୟ ସରା ମୃତକଙ୍କ ଘରେ କାନ୍ଦ ବୋବାଳି ପଡ଼ିଥିବାବେଳେ ମହାଲିଙ୍ଗ ବାବୁ ଓ ତାଙ୍କ ସରକାର ରାଜ୍ୟରେ 'ବର୍ଷ ଏକ, ଉପଲବ୍ଧି ଅନେକ' ଉତ୍ସବ ପାଳୁଛନ୍ତି । ଗତ ୨୪ ବର୍ଷରେ ଯାହା ହୋଇ ନ ଥିଲା, ଆମେ ତାହା କରି ଦେଖାଇ ଦେଇଛୁ ବୋଲି ଗର୍ବର ସହ କହୁଛନ୍ତି । ଅବଶ୍ୟ ମହାଲିଙ୍ଗ ବାବୁ ମିଛ କହିନାହାନ୍ତି। ବର୍ଷ ବର୍ଷ ଧରି ରାଜ୍ୟରେ ନା ଥିଲା ଝାଡ଼ାବାନ୍ତି, ନା ଥିଲା ହଇଜା; ଏହି ରୋଗରେ କେହି ମରିବାର ଉଦାହରଣ ମଧ୍ୟ ନ ଥିଲା। ଏବେ ମହାଲିଙ୍ଗ ବାବୁଙ୍କ ସରକାର ୨୦ ମୁଣ୍ଡ ନେଇ ଏହି ଅନନ୍ୟ ଉପଲବ୍ଧି ହାସଲ କରିଛନ୍ତି । ସେମିତି ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାବରେ ବିଧାନସଭାରେ ଅଶଦ୍ଦ ପ୍ରୟୋଗ କରିବାର ବିରଳ ଉଦାହରଣ ମଧ୍ୟ ମହାଲିଙ୍ଗ ବାବୁ ସୃଷ୍ଟି କରିଛନ୍ତି । ବିରୋଧୀଙ୍କୁ ବଳପୂର୍ବକ ବିଧାନସଭାରୁ ବାହାର କରିବାର ଆଉ ଏକ ରେକଡର୍ ଉପଲବ୍ଧି ମଧ୍ୟ ତାଙ୍କ ସମୟରେ ଘଟିଥିବା ଦେଖାଯାଇଛି । ମାତ୍ର ସମୟ ଯେ ସମସ୍ତଙ୍କର ସବୁ ଉପଲବ୍ଧିକୁ ସାଇତି ରଖିଥାଏ, ଏ କଥା ମହାଲିଙ୍ଗ ବାବୁ ବୋଧେ ଭୁଲି ଯାଇଛନ୍ତି ।



## ମେଟ୍ରୋ ପ୍ରକଳ୍ପ ଓ ତୈଳାକ୍ତ ଖମ୍ବ

ଛେନାପୋଡ଼ ଅଞ୍ଚଳର ଶଙ୍ଖ ଦଳିଆ ଅରୁଣ ଖାଲି ତାଙ୍କ ଦଳର ପୁରୁଖା ନେତା ନୁହନ୍ତି; ଜଣେ କବି ଓ ଭଲ ବକ୍ତା ଭାବରେ ତାଙ୍କର ଅନେକ ପ୍ରସିଦ୍ଧି ଥିବା ଅନେକ ଜାଣନ୍ତି। ସରକାରରେ ଥିବାବେଳେ ବିରୋଧୀଙ୍କୁ ଶବ୍ଦ ବାଣରେ ସେ ଆହତ କରୁଥିଲେ, ଆଉ ଏବେ ବିରୋଧୀ ଆସନରେ ବସିବା ପରେ ଶାସକ ଦଳର ସଦସ୍ୟ ଓ ସରକାରଙ୍କୁ ଉଭୟ ବିଧାନସଭା ଓ ବିଧାନସଭା ବାହାରେ ଅନୁରୂପ ଶବ୍ଦ ବାଣରେ ଲହୁଲୁହାଣ କରି ଚାଲିଛନ୍ତି । ନିକଟରେ ରାଜଧାନୀ ମେଟ୍ରୋ ପ୍ରସଙ୍ଗରେ ଅରୁଣ ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜଙ୍କ ଉଦ୍ଦେଶ୍ୟରେ ଯେଉଁ 'ତୈଳାକ୍ତ ଖମ୍ବ' କଟାକ୍ଷ କରିଛନ୍ତି, ତାହା କୁଆଡ଼େ ଅନେକଙ୍କ ପାଇଁ ଅସହଣୀୟ ହୋଇଛି। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ଚଳାଚଳ ପାଇଁ ନବୀନ ସରକାର ଯୋଜନା ସହ ଛଅ ହଜାର କୋଟି ଟଙ୍କା ବରାଦ କରିଥିଲେ। ନିଜେ ନବୀନ ଏହାର ଶିଳାନ୍ୟାସ କରି ୩ ବର୍ଷରେ ପ୍ରକଳ୍ପ ଶେଷ କରିବାକୁ ଘୋଷଣା କରିଥିଲେ। ମାତ୍ର ସରକାର ବଦଳିବା ପରେ ମେଟ୍ରୋ ସ୍ୱପ୍ନ ମଉଳି ଯାଇଛି । ସରକାର, ପୂର୍ବତନ ମନ୍ତ୍ରୀ ଓ ତାଙ୍କ ଦଳର ନେତାମାନେ ଏହି ପ୍ରକଳ୍ପ ସମ୍ପର୍କରେ କେତେବେଳେ କ'ଣ କହୁଛନ୍ତି, ତାହାକୁ କେହି ବୁଝି ପାରୁ ନାହାନ୍ତି । ମେଟ୍ରୋ ପାଇଁ ଶହ ଶହ ଗଛ ବଳି ପଡ଼ିଲା, ରାଜକୋଷରୁ ଶହ ଶହ କୋଟି ଟଙ୍କା ବ୍ୟୟ ହେଲା । ଆଉ ଏବେ ଆଡ଼ବାୟା ତୋଗଲକ ପରି ପୂର୍ବତନ ମନ୍ତ୍ରୀ ପ୍ରସ୍ତାବିତ ମେଟ୍ରୋ ମାଟିତଳେ ଯିବ ବୋଲି କହିଲେଣି। ଯେଉଁଥିପାଇଁ ଅରୁଣ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ମାତ୍ର ତୈଳାକ୍ତ ଖମ୍ବରେ ଚଢ଼ୁଥିବା ମାଙ୍କଡ଼ଟି କିଏ ତାହାକୁ ଅରୁଣ କାହିଁକି ସ୍ପଷ୍ଟ କଲେ ନାହିଁ, ତାହା ଆମ ମଗଜରେ ପଶୁନାହିଁ ।

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।